
୧ମ ବର୍ଷ | ୪ର୍ଥ ସଂଖ୍ୟା | ଏପ୍ରିଲ ୨୦୨୬

# ପ୍ରଗତି ପ୍ରବାହ



## ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ପଖାଳ

## ସଶକ୍ତିକରଣର ଏକ ବିଶାଳ ଅଭିଯାନ ସୁଭଦ୍ରା

ନିଃଶୁଳ୍କ ବିତରଣ ନିମନ୍ତେ

GoHomestay
Department of Tourism, Government of Odisha

# ଗୋ-ହୋମଷ୍ଟେ ପୋର୍ଟାଲ୍

## ଗୋ-ହୋମଷ୍ଟେ ପୋର୍ଟାଲ୍‌ର ଲକ୍ଷ୍ୟ

- ସାରା ଓଡ଼ିଶାରେ ଗ୍ରାମୀଣ ପର୍ଯ୍ୟଟନର ବ୍ୟାପକ ବିକାଶ
- ପର୍ଯ୍ୟଟନ କ୍ଷେତ୍ରରେ ସ୍ଥାନୀୟ ପରିବାରଙ୍କ ଅଂଶଗ୍ରହଣ
- ସମସ୍ତ କାର୍ଯ୍ୟଧାରାର ସ୍ୱଚ୍ଛ ଓ ବ୍ୟବସ୍ଥିତ ପରିଚାଳନା
- ପର୍ଯ୍ୟଟକଙ୍କୁ ନିଛକ ଓଡ଼ିଆ ପରମ୍ପରା ଓ ଆତିଥ୍ୟର ଅନୁଭୂତି
- ଗ୍ରାମାଞ୍ଚଳରେ ରୋଜଗାର ସୁଯୋଗ ସୃଷ୍ଟି କରି ଅର୍ଥନୀତିକୁ ସୁଦୃଢ଼ କରିବା

## ଆପଣ କିପରି ଉପକୃତ ହେବେ

- ନିଜ ଘରେ ପର୍ଯ୍ୟଟକମାନଙ୍କୁ ରଖି ଅତିରିକ୍ତ ରୋଜଗାର କରିପାରିବେ
- ସ୍ଥାନୀୟ ପରମ୍ପରା, କଳା ଏବଂ ଖାଦ୍ୟପେୟର ପ୍ରୋତ୍ସାହନ କରିବା
- ନିଜ ଗ୍ରାମକୁ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା
- ପର୍ଯ୍ୟଟନ ବିଭାଗ ପକ୍ଷରୁ ସରକାରୀ ସ୍ୱୀକୃତି ଓ ସହାୟତା ପାଇବା
- ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ହୋମଷ୍ଟେର ସହଜ ପରିଚାଳନା କରିପାରିବେ

## ହୋମଷ୍ଟେ ଆରମ୍ଭ କରିବାର ପ୍ରଣାଳୀ

**୧ମ ପର୍ଯ୍ୟାୟ**: ଅନଲାଇନ୍ ପଞ୍ଜିକରଣ (Registration) କରନ୍ତୁ

**୨ୟ ପର୍ଯ୍ୟାୟ**: ହୋମଷ୍ଟେ ପାଇଁ ଆବେଦନ ଫର୍ମ ପୂରଣ କରନ୍ତୁ

**୩ୟ ପର୍ଯ୍ୟାୟ**: ସରକାରୀ ଅଧିକାରୀଙ୍କ ଦ୍ୱାରା ସ୍ଥାନ ଯାଞ୍ଚ ଏବଂ ନିରୀକ୍ଷଣ

**୪ର୍ଥ ପର୍ଯ୍ୟାୟ**: ଅନୁମୋଦନ ଏବଂ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ

**୫ମ ପର୍ଯ୍ୟାୟ**: ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ଆରମ୍ଭ କରନ୍ତୁ

OCAC
Technical Directorate of Information Technology Department
Govt. of Odisha

QR କୋଡ୍ ସ୍କାନ କରି ପୋର୍ଟାଲକୁ ସିଧାସଳଖ ଭିଜିଟ କରନ୍ତୁ।

gohomestay.odisha.gov.in

ପର୍ଯ୍ୟଟନ ବିଭାଗ, ଓଡିଶା ସରକାର

# ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ

## ଓଡ଼ିଶାର ସର୍ବବୃହତ୍ ଭର୍ଚୁଆଲ ଲାଇବ୍ରେରୀ

## ଓଡ଼ିଆ ଓ ସାନ୍ତାଳୀ ଟାଇପିଂ ଟୁଲ୍ ( https://tools.ova.gov.in )







## ଦଶ ପ୍ରକାରର ଓଡ଼ିଆ ଫଣ୍ଟ

ମାଧବ | ଆଦିମ | ହଳଧର | ଅବଧାନ | ପ୍ରଥମ | ରାଘବ | ଅଚ୍ୟୁତ | ବଳଭଦ୍ର | ହରିହର | ଉତ୍କଳ

## ସ୍ୱତନ୍ତ୍ର ଓଡ଼ିଆ କୀବୋର୍ଡ ଲେଆଉଟ୍

**1. Inscript Keyboard**



**2. Typewriter Keyboard**



**3. Phonetic Keyboard**



**4. Easy Keyboard**



https://tools.ova.gov.in

GO ADVENTURE

Department of Tourism, Government of Odisha

# “ଗୋ-ଆଡ଼ଭେଞ୍ଚର ପୋର୍ଟାଲ”

ପର୍ଯ୍ୟଟନ ବିଭାଗ, ଓଡିଶା ସରକାର

## ପୋର୍ଟାଲ୍‌ର ଲକ୍ଷ୍ୟ

ସାହସିକ କ୍ରୀଡ଼ା ପ୍ରତିଷ୍ଠା ପାଇଁ ଏକ ଗୋଟିଏ ସ୍ଥାନରେ ସମସ୍ତ ସେବା ମିଳୁଥିବା ଡିଜିଟାଲ୍ ବ୍ୟବସ୍ଥା

ସହଜ ପଞ୍ଜିକରଣ ଅନୁମୋଦନ ପାଇଁ 'ସିଙ୍ଗଲ୍-ୱିଣ୍ଡୋ ସିଷ୍ଟମ'

ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ଉନ୍ନତ ସହଯୋଗ ଓ ସମନ୍ୱୟ

ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସ୍ୱଚ୍ଛ ଓ ଦ୍ରୁତ ପରିଚାଳନା

ସାହସିକ କ୍ରୀଡ଼ା କ୍ଷେତ୍ରରେ ଉଚ୍ଚ ସୁରକ୍ଷା ମାନକ ନିଶ୍ଚିତ କରିବା

## ଗୋ-ଆଡଭେଞ୍ଚର ପୋର୍ଟାଲ୍‌ର କାର୍ଯ୍ୟ ପ୍ରଣାଳୀ

୧. ପଞ୍ଜିକରଣ: ଅପରେଟରମାନେ ପୋର୍ଟାଲ୍‌ରେ ନିଜ ସଂସ୍ଥାର ପଞ୍ଜିକରଣ କରିବେ

୨. ଅନଲାଇନ୍ ଆବେଦନ: ଆଡଭେଞ୍ଚର କ୍ରୀଡ଼ା ଓ ଲାଇସେନ୍ସ ପାଇଁ ଅନଲାଇନ୍ ଆବେଦନ

୩. ଯାଞ୍ଚ ପ୍ରକ୍ରିୟା: ସମ୍ବନ୍ଧିତ ବିଭାଗ ଦ୍ୱାରା ତଥ୍ୟ ଓ ଦଲିଲ ଯାଞ୍ଚ

୪. ଅନୁମୋଦନ: ସଫଳ ଯାଞ୍ଚ ପରେ ପୋର୍ଟାଲ୍ ମାଧ୍ୟମରେ ଅନୁମତି ପ୍ରମାଣପତ୍ର ଜାରି

OCAC
Technical Directorate of Information Technology Department
Govt. of Odisha

QR କୋଡ୍ ସ୍କାନ କରି ପୋର୍ଟାଲକୁ ସିଧାସଳଖ ଭିଜିଟ କରନ୍ତୁ।

goadventure.odisha.gov.in

ପର୍ଯ୍ୟଟନ ବିଭାଗ, ଓଡିଶା ସରକାର

# ପ୍ରଗତି ପ୍ରବାହ

ବର୍ଷ ୧ | ସଂଖ୍ୟା ୦୪ | ଏପ୍ରିଲ ୨୦୨୬

ମୁଖ୍ୟ ସମ୍ପାଦକ
**ହେମନ୍ତ ଶର୍ମା**
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସୂଚନା ଓ ଲୋକସମ୍ପର୍କ ବିଭାଗ

ସମ୍ପାଦକ
**ଅନୁଜ କୁମାର ଦାସ ପଟ୍ଟନାୟକ**
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ପ୍ରଚ୍ଛଦ ଓ ଅଳଂକରଣ
**ସୁଧାଂଶୁ ଶେଖର ସାମନ୍ତରାୟ**

ସୂଚନା ଓ ଲୋକସମ୍ପର୍କ ବିଭାଗ,
ଓଡ଼ିଶା ସରକାରଙ୍କ ଦ୍ୱାରା ସଂକଳିତ

୧୧ ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡରେ ପଖାଳ ପରବ

୧୪ ସୁଭଦ୍ରା: ସଶକ୍ତିକରଣର ଏକ ନୂତନ ଅଧ୍ୟାୟ

୧୬ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା

୨୦ ଓଡ଼ିଶାର ଆଦିବାସୀ ଭାଷାକୁ ଏଆଇ ପାୱାର୍

୨୬ ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ଶିଳ୍ପ

୨୮ କୋରାପୁଟ ମାଟିରେ କେମୋମାଇଲ୍ ଫୁଲର ମହକ

PRGI No. ORORI/25/A1314

Printed, published and edited by Anuj Ku Das Pattanaik on behalf of the Information and Public Relations Department, Government of Odisha, and printed at Odisha Government Press, Madhupatna, Khapuria, Cuttack – 753010, Odisha, and published from Loka Sampark Bhawan, Unit-V, Bhubaneswar – 751001, Odisha.



## ମୋଦୀଙ୍କ ଐତିହାସିକ ଉପଲବ୍ଧି
## ସର୍ବାଧିକ ସମୟ ଶାସନ ମୁଖ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ରାଜନୀତିରେ ମାର୍ଚ୍ଚ ମାସ ୨୧ ତାରିଖରେ ଏକ ମାଇଲଖୁଣ୍ଟ ଅତିକ୍ରମ କରି ଇତିହାସ ସୃଷ୍ଟି କରିଛନ୍ତି । ସରକାରୀ ମୁଖ୍ୟ ଭାବରେ ସେ ୮, ୯୩୧ ଦିନ ପୂରଣ କରି ଭାରତର ଦୀର୍ଘତମ ସମୟରେ ଶାସନକର୍ତ୍ତା ହେବାର ଗୌରବ ଅର୍ଜନ କରିଛନ୍ତି । ଏହି କ୍ରମରେ ସେ ସିକ୍କିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗ ୮,୯୩୦ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି । ମୋଦୀଙ୍କ ଏହି ବଡ ସଫଳତା ପଛରେ ରହିଛି ଦୁଇ ଦଶନ୍ଧିରୁ ଅଧିକ ସମୟର ନିରନ୍ତର ସେବା । ସେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀ ଭାବେ ସରକାରଙ୍କ ନେତୃତ୍ୱ ନେଇଛନ୍ତି । ୨୦୦୧ ଅକ୍ଟୋବର ୭ ରୁ ୨୦୧୪ ମେ ୨୧ ପର୍ଯ୍ୟନ୍ତ ସେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ଥିଲେ । ଏହାପରେ ସେ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ସେ ୨୦୧୯ ଏବଂ ୨୦୨୪ରେ ଲଗାତର ବିଜୟ ଲାଭ କରିଛନ୍ତି । ଶ୍ରୀ ମୋଦୀ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦେଶର ନେତୃତ୍ୱ ନେଉଛନ୍ତି । ଶାସନ ବ୍ୟତୀତ ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ ମୋଦୀଙ୍କ ଲୋକପ୍ରିୟତା ଶୀର୍ଷରେ ରହିଛି । ସେ ବିଶ୍ୱର ପ୍ରଥମ ନେତା ଭାବେ ଇନଷ୍ଟାଗ୍ରାମରେ ୧୦ କୋଟିରୁ ଅଧିକ ଫଲୋର୍ସ ପାଇଛନ୍ତି ।



## ଓଡ଼ିଶା ଦିବସ ଅବସରରେ
## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

ଆଜି ଓଡିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରିଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ ସଂକଳ୍ପବଦ୍ଧ ହୋଇ କାମ କରିବା ।

ସମ୍ପାଦକୀୟ

# ଓଡ଼ିଶା ଦିବସର ଅନୁଚିନ୍ତା

ଏପ୍ରିଲ ପହିଲା କେବଳ ଏକ ଦିବସ ନୁହେଁ; ଏହା ହେଉଛି ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ଦିବସ । ମନେପଡ଼ନ୍ତି ଏ ଜାତିକୁ ସମୃଦ୍ଧ କରିଥିବା ମହାମନିଷୀ, ମହାପୁରୁଷ । ଯେଉଁମାନେ ଲୁହ ଓ ଲହୁ ଦେଇ ଓଡ଼ିଶା ମା'କୁ ଏବଂ ଓଡ଼ିଆ ମାଟିକୁ ଏକ ପରିଚୟ ଦେଇଥିଲେ ସେମାନଙ୍କ ସ୍ମୃତିଚାରଣ କରିବାର ପ୍ରକୃଷ୍ଟ ସମୟ ହେଉଛି ଏପ୍ରିଲ ମାସ ।

୧୯୩୬ ମସିହାର ଏହି ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା । ଏହା ଭାରତର ପ୍ରଥମ ଭାଷା ଆଧାରିତ ରାଜ୍ୟ ଥିଲା । ଏପ୍ରିଲ ପହିଲା ଆମ ଏକତା, ପରିଚୟ ଓ ଗର୍ବର ପ୍ରତୀକ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅସୀମ ତ୍ୟାଗ ସ୍ୱୀକାର କରିଥିବା ବରପୁତ୍ରମାନଙ୍କ ସ୍ମୃତିଚାରଣ ଓ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଓ ସଂକଳ୍ପକୁ ସାକାର କରିବା ସହିତ ଓଡ଼ିଆ ଅସ୍ମିତାକୁ ନେଇ ଗର୍ବ କରିବାର ଦିନ ହେଉଛି ଉତ୍କଳ ଦିବସ । ବିହାର ଏବଂ ଓଡ଼ିଶା ପ୍ରୋଭିନ୍ସରୁ ପୃଥକ ହେବା ପରେ ଓଡ଼ିଶା ୧୯୩୬ମସିହା ଏପ୍ରିଲ ୧ରେ ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ ହୋଇଥିଲା । ଉତ୍କଳ ସମ୍ମିଳନୀ ଗଠନ ହେବା ପରେ ଓଡ଼ିଶାକୁ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ତିନି ଦଶନ୍ଧି ଧରି ଆନ୍ଦୋଳନ କରିବାକୁ ପଡ଼ିଥିଲା । ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବି ନେଇ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ରଜସୁନ୍ଦର ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକିରମୋହନ ସେନାପତି, ଗଙ୍ଗାଧର ମେହେର , ବାସୁଦେବ ସୁଢ଼ଳ ଦେବ, ରାଧାନାଥ ରାୟ , ଭୁବନାନନ୍ଦ ଦାସ ଏବଂ ଆହୁରି ଅନେକ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେତେବେଳେ ନବଗଠିତ ଉତ୍କଳ ଅଧୀନରେ ୬ଟି ଜିଲା କଟକ, ପୁରୀ, ବାଲେଶ୍ୱର , ସମ୍ବଲପୁର , କୋରାପୁଟ ଏବଂ ଗଞ୍ଜାମ ରହିଥିଲା ।

ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ଏବଂ ପ୍ରତିଷ୍ଠା ଦିବସକୁ ମନେ ରଖିବା ପାଇଁ ଏହି ଦିନଟିକୁ ରାଜ୍ୟବ୍ୟାପୀ ପାଳନ କରାଯାଉଛି । ଉତ୍କଳକୁ ସ୍ୱତନ୍ତ୍ର କରିବା କ୍ଷେତ୍ରରେ ଆନ୍ଦୋଳନ କରିଥିବା ଉତ୍କଳ ସମ୍ମିଳନୀ ଥିଲା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଓଡ଼ିଆ ଜାତିର ମହାମିଳନର ଏକ ବୃହତ୍ତମ କେନ୍ଦ୍ର ଏବଂ ଏହା ମାଧମରେ ଓଡ଼ିଶାର ମାତୃଭାଷା, ଇତିହାସ, ସାହିତ୍ୟ, ସଂସ୍କୃତି, ପରମ୍ପରା ପାଇଁ ନିଜକୁ ମହିମାନ୍ୱିତ ଓ ଗର୍ବିତ ମନେ କରୁଥିବା ଓଡ଼ିଆମାନେ ଗୋଟିଏ ଛତା ତଳେ ଏକାଠି ହୋଇଥିଲେ । ଓଡ଼ିଆ ଏବଂ ଓଡ଼ିଶାର ସ୍ୱତନ୍ତ୍ରତା ପ୍ରତିଷ୍ଠିତ କରାଇବା ଥିଲା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ୧୯୦୩ ଡିସେମ୍ବର ୩୦ରେ କଟକର ଇଦଗା ପଡ଼ିଆଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

ଏହାପରଠୁ ଏକାଧିକ ଅଧିବେଶନରେ ଭାଷା ଭିତ୍ତିକ ରାଜ୍ୟ ପାଇଁ ଗଠିତ ଓଡ଼ନେଲ କମିଟି, ସାଇମନ କମିଶନ, କଂଗ୍ରେସ ଅଧିବେଶନରେ ଓଡ଼ିଶା ପାଇଁ ପ୍ରସ୍ତାବ ଆଦି କାର୍ଯ୍ୟର ବ୍ୟାପକତା ପରେ ୧୯୩୬ ଅପ୍ରେଲ ୧ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ବ୍ୟାସକବି ଫକିରମୋହନ ସେନାପତି, ଲକ୍ଷ୍ମୀନାରାୟଣ ସାହୁ, ଚନ୍ଦ୍ରଶେଖର ବେହେରା, ବ୍ରଜସୁନ୍ଦର ଦାସ, ଜଗବନ୍ଧୁ ସିଂହ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ଏବଂ ଆଚାର୍ଯ୍ୟ ହରିହର ପ୍ରମୁଖ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏକଦା ଓଡ଼ିଶା ଏବଂ ଓଡ଼ିଆଙ୍କ ସ୍ୱରକୁ ଶାଣିତ କରିବା ସହିତ ଭାଷା ସାହିତ୍ୟର ଅଭିବୃଦ୍ଧି ତଥା ଓଡ଼ିଆଙ୍କ ମଧରେ ବୌଦ୍ଧିକ ଓ ରାଜନୈତିକ ଚେତନାର ଜାଗରଣ ଲକ୍ଷ୍ୟ ରଖି ୧୮୬୬ରେ କର୍ମବୀର ଗୌରୀଶଙ୍କର 'ଉତ୍କଳ ଦୀପିକା' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ୧୮୭୩ରେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ଛାପାଖାନା ପ୍ରତିଷ୍ଠା କରି 'ବାଲେଶ୍ୱର ସମ୍ବାଦ ବାହିକା' ପ୍ରକାଶନ କଲେ ଏବଂ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସହିତ ରାଜ୍ୟରେ ବଙ୍ଗଳା ଭାଷାର ପ୍ରବର୍ତ୍ତନ ବିରୋଧରେ ଜନମତ ସୃଷ୍ଟି କରିଥିଲେ ।

କେବଳ ଓଡ଼ିଶା ନୁହେଁ ବାହାର ରାଜ୍ୟ ଏବଂ ବିଶ୍ୱର ବିଭିନ୍ନ ରଷ୍ଟ୍ରରେ ରହୁଥିବା ଓଡ଼ିଆ ଭାଷାଭାଷୀ ଲୋକେ ଏହି ଦିବସଟିକୁ ପାଳନ କରୁଛନ୍ତି ।

୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରାଯିବା ନିମନ୍ତେ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ଭିଜନ ଡ଼କୁମେଣ୍ଟ ୨୦୩୬ । ଏହି ଲକ୍ଷ୍ୟ ପୂରଣ ପାଇଁ ଜୋରଦାର ପ୍ରୟାସ ଚାଲିଛି । ସେତବେଳକୁ ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଭାବେ ବିକଶିତ କରିବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଦକ୍ଷ ମାନବ ସମ୍ବଳ ସୃଷ୍ଟି , ଶିଳ୍ପାୟନ ସାଙ୍ଗକୁ କୃଷି ଓ ସେବା କ୍ଷେତ୍ରକୁ ବିକଶିତ କରିବା ଏବଂ ଯୁବ ପିଢ଼ିକୁ ନୂତନ ମାର୍ଗଦର୍ଶନ କରିବା ନିମନ୍ତେ ସରକାର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି । ଓଡ଼ିଶା ଆତ୍ମବିଶ୍ୱାସର ସହିତ ଭିଜନ ଡ଼କୁମେଣ୍ଟ ଆଧାରରେ ଯୋଜନାର କାର୍ଯ୍ୟକାରୀ କରୁଛନ୍ତି । ଓଡ଼ିଶାର ଭାଷା, ଐତିହ୍ୟ,ସଂସ୍କୃତିର ସୁରକ୍ଷା ସାଙ୍ଗକୁ ଓଡ଼ିଆ ଅସ୍ମିତା ପାଇଁ ଏବେ ଗଣ ଅଭିଯାନ ଆରମ୍ଭ ହୋଇଛି । ଓଡ଼ିଆ ଭାଷାକୁ ସରକାରୀ କାର୍ଯ୍ୟାଳୟରେ ବାଧତାମୂଳକ କରାଯାଇଛି । ଓଡ଼ିଶା ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷା, କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ଆଉ ପ୍ରସାର ପାଇଁ ୨୦୦ କୋଟି ଟଙ୍କାର ଓଡ଼ିଶା ଅସ୍ମିତା କର୍ପସ ପାଣ୍ଠି ଗଠନ ହୋଇଥିବାବେଳେ ଏହା ମାଧମରେ ଐତିହ୍ୟ ପ୍ରକଳ୍ପ, ଡଜିଟାଲ ଓଡ଼ିଆ ଅଭିଧାନ ଏବଂ ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ପାଣ୍ଠି ଓଡ଼ିଶାର ଯୁବପିଢ଼ିଙ୍କୁ ନିଜର ମୂଳ ସଂସ୍କୃତି ସହ ଯୋଡ଼ିବା ଏବଂ ବିଶ୍ୱ ସ୍ତରରେ ଓଡ଼ିଆ ପରିଚୟକୁ ପରିପ୍ରକାଶ କରିବାରେ ସହାୟକ ହୋଇଛି । ଓଡ଼ିଶାର ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟ ରକ୍ଷା ପାଇଁ ଆଗକୁ ଯେତେ ଆହ୍ୱାନ ଆସିଲେ ବି ଏସବୁକୁ ସାମ୍ନା କରିବା ନିମନ୍ତେ ରାଜ୍ୟ ସରକାର ବଦ୍ଧପରିକର ।




# ଜଳ ପରିଚାଳନାରେ ନୂତନ ଅଧ୍ୟାୟ

ଓଡିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀ ରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି.ଆର୍ ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ।

ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ଜଳ ଜୀବନ ମିଶନ ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇ କହିଥିଲେ ଯେ, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି। କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର ଜଳ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ।

ସେ କହିଥିଲେ ଯେ, ଜଳ ଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ପରିଚାଳନା ଓ ରକ୍ଷଣାବେକ୍ଷଣା ନୀତି ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି, ଆର୍ଥିକ ସ୍ଥିରତା ଓ ସଠିକ୍ ରକ୍ଷଣାବେକ୍ଷଣ ଉପରେ ଜୋର ଦିଆଯାଉଛି। "ସୁଜଳମ୍ ଭାରତ" ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୫,୦୦୦ ଗ୍ରାମୀଣ ପାଇପ୍ ଜଳ ଯୋଜନାର ଆଇଡି ପ୍ରସ୍ତୁତ କରାଯାଇଛି ଓ ସମସ୍ତ ଯୋଜନାର ବିତ୍ତୀୟ ସମନ୍ୱୟ ସମ୍ପନ୍ନ ହୋଇଛି। ଓଡିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ, ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ବସୁଧା ହେଲ୍ପଲାଇନ୍, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ୍ ଗ୍ରୀଭାନ୍ସ ପ୍ଲାଟଫର୍ମ ମାଧ୍ୟମରେ ସିଟିଜେନ୍-ସେଣ୍ଟ୍ରିକ୍ ସେବାକୁ ଶକ୍ତିଶାଳୀ କରାଯାଇଛି।

ଗ୍ରାମାଞ୍ଚଳରେ ଗ୍ରାମ ଜଳ ଓ ପରିମଳ କମିଟି ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି ବୃଦ୍ଧି ପାଇଛି ଓ ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ "ଜଳ ଅର୍ପଣ ଦିବସ" ସଫଳତାର ସହିତ ପାଳନ ହୋଇଛି। ବାକି ସବୁ ଜିଲ୍ଲାରେ ମଧ୍ୟ ଶୀଘ୍ର ପାଳନ କରାଯିବ।

**'ହର୍ ଘର୍ ଜଲ୍'**

**ଲକ୍ଷ୍ୟ ପୂରଣ ପାଇଁ ଓଡ଼ିଶାରେ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ**

**- ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ମିଶନ ମହିଳାମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି, କାରଣ ବର୍ତ୍ତମାନ ସମୟରେ ସେମାନଙ୍କୁ ପାଣି ପାଇଁ ଦୂରକୁ ଯିବାକୁ ପଡୁନାହିଁ। ଓଡିଶାରେ ଜଳ ଶକ୍ତି ଅଭିଯାନ ଏକ ଜନଆନ୍ଦୋଳନର ରୂପ ନେଇଛି। ଏହା ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ ଷ୍ଟ୍ରକ୍ଚର, ୪୩ ହଜାରରୁ ଅଧିକ ଜଳାଶୟ ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟରଶେଡ୍ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ୨ କୋଟିରୁ ଅଧିକ ଗଛ ରୋପଣ କରାଯାଇଛି।

ଏହି ଅବସରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି. ଆର ପାଟିଲ କହିଥିଲେ ଯେ ୨୦୨୪ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୦୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ ୨.୦ ମାଧ୍ୟମରେ ସମ୍ପ୍ରସାରିତ କରାଗଲା। ଏହି ମିଶନ ମହିଳାଙ୍କ ଜୀବନରେ ସୁଧାର ଆଣିବ । ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି ସେଠାରେ ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିବ ଏହି ମିଶନ ।

ଓଡ଼ିଶାର ଇତିହାସ ପୃଷ୍ଠାରେ ଯେଉଁ କେତେଜଣ ମହାପୁରୁଷ ନିଜର ଅସୀମ ତ୍ୟାଗ, ଦୃଢ଼ ସଂକଳ୍ପ ଏବଂ ଦୂରଦୃଷ୍ଟି ଦ୍ୱାରା ଓଡ଼ିଆ ଜାତିକୁ ଏକ ନୂତନ ପରିଚୟ ପ୍ରଦାନ କରିଛନ୍ତି, ସେମାନଙ୍କ ମଧ୍ୟରେ ମଧୁସୂଦନ ଦାସଙ୍କ ନାମ ଅଗ୍ରଗଣ୍ୟ। ସେ କେବଳ ଜଣେ ବ୍ୟକ୍ତି ନଥିଲେ, ବରଂ ଓଡ଼ିଆ ଜାତିର ଅସ୍ମିତା ରକ୍ଷା ପାଇଁ ଏକ ଶକ୍ତିଶାଳୀ ଅନୁଷ୍ଠାନ ଥିଲେ। ଜଣେ ବିଚକ୍ଷଣ ଆଇନଜୀବୀ, ସମାଜ ସଂସ୍କାରକ ଏବଂ ଦୂରଦୃଷ୍ଟିସମ୍ପନ୍ନ ରାଜନୀତିଜ୍ଞ ଭାବରେ ସେ ଓଡ଼ିଶା ଗଠନ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। ଓଡ଼ିଆ ଜାତି ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ 'ଉତ୍କଳ ଗୌରବ' ଓ 'କୁଳବୃଦ୍ଧ' ଭାବେ ଚିର ପୂଜିତ।

ଏହି ମହାନ୍ ଜନନାୟକଙ୍କ ଜନ୍ମ ହୋଇଥିଲା ୧୮୪୮ ମସିହା ଅପ୍ରେଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ। ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିବା ମଧୁସୂଦନ ପିଲାଦିନରୁ ଅତ୍ୟନ୍ତ ମେଧାବୀ ଓ ଶିକ୍ଷାପ୍ରିୟ ଥିଲେ। ସେ ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷାର ସୀମିତ ସୁଯୋଗ ଥିବାରୁ ସେ କୋଲକାତା ବିଶ୍ୱବିଦ୍ୟାଳୟକୁ ଯାଇ ସେଠାରୁ ଏମ୍.ଏ. ଏବଂ ବି.ଏଲ୍. ଡିଗ୍ରୀ ହାସଲ କରିଥିଲେ। ସେ ଥିଲେ ପ୍ରଥମ ଓଡ଼ିଆ ସ୍ନାତକୋତ୍ତର ଏବଂ ପ୍ରଥମ ଓଡ଼ିଆ ଆଇନଜୀବୀ। ତାଙ୍କର ଏହି ଶିକ୍ଷାଗତ ସଫଳତା କେବଳ ତାଙ୍କ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଆ ସମାଜ ପାଇଁ ଏକ ନୂତନ ଆଲୋକ ଓ ଆତ୍ମବିଶ୍ୱାସ ନେଇ ଆସିଥିଲା।

ଶିକ୍ଷା କ୍ଷେତ୍ରରେ ଏଭଳି କୃତିତ୍ୱ ହାସଲ କରିବା ପରେ ସେ ଅନୁଭବ କରିଥିଲେ ଯେ କେବଳ ବ୍ୟକ୍ତିଗତ ଉନ୍ନତି ଯଥେଷ୍ଟ ନୁହେଁ, ବରଂ ସମାଜର କୁସଂସ୍କାର ଦୂର କରିବା ଏକାନ୍ତ ଆବଶ୍ୟକ। ଏହି ଚିନ୍ତାଧାରା ତାଙ୍କୁ ଜଣେ ଉଦାରବାଦୀ ଓ ପ୍ରଗତିଶୀଳ ସମାଜ ସୁଧାରକ ଭାବେ ଗଢ଼ିତୋଳିଥିଲା। ସେ ସମାଜର ନିମ୍ନ ବର୍ଗର ଲୋକଙ୍କ ଅଧିକାର ଓ ନାରୀ ଶିକ୍ଷାର ପ୍ରସାର ପାଇଁ ଅହରହ ଚେଷ୍ଟା କରୁଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଜ୍ଞାନ ଓ ସାମାଜିକ ସମାନତା ହିଁ ଏକ ସମୃଦ୍ଧ ଜାତି ଗଠନର ଭିତ୍ତିଭୂମି। ତାଙ୍କର ଏହି ମାନବତାବାଦୀ ଆଭିମୁଖ୍ୟ ତାଙ୍କୁ ସାଧାରଣ ଜନତାଙ୍କ ଅତି ଆପଣାର କରିପାରିଥିଲା।

ସାମାଜିକ ସଂସ୍କାର ପାଇଁ କାର୍ଯ୍ୟ କରୁଥିବା ବେଳେ ମଧୁବାବୁ ଅନୁଭବ କଲେ ଯେ, ଓଡ଼ିଆ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ରାଜନୈତିକ କ୍ଷମତା ଓ ସ୍ୱର ଉତ୍ତୋଳନର ଆବଶ୍ୟକତା ରହିଛି। ତେଣୁ ସେ ବ୍ରିଟିଶ ଶାସନ କାଳରେ ସକ୍ରିୟ ରାଜନୀତିରେ ପ୍ରବେଶ କରି ଓଡ଼ିଆଙ୍କ ଅଧିକାର ପାଇଁ ଲଢ଼ିଥିଲେ। ସେ ବଙ୍ଗଳା ଓ କେନ୍ଦ୍ରୀୟ ବିଧାନ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ହୋଇ ଓଡ଼ିଶାର ଦାବିଗୁଡ଼ିକୁ ଦୃଢ଼ ଭାବେ ଉପସ୍ଥାପନ କରିଥିଲେ। ୧୯୨୧ ମସିହାରେ ସେ ବିହାର-ଓଡ଼ିଶା ସରକାରରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ନିଜର ସ୍ୱାଭିମାନ ଓ ନୈତିକତା ରକ୍ଷା କରିବାକୁ ଯାଇ ସେ ପରବର୍ତ୍ତୀ ସମୟରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ, ଯାହା ଭାରତୀୟ



ଓଡିଆ ଜାତିର ମଉଡମଣି

## ମଧୁସୂଦନ ଦାସ

ରାଜନୀତି ଇତିହାସରେ ଏକ ବିରଳ ଘଟଣା ଥିଲା। ରାଜନୈତିକ ସ୍ତରରେ ପ୍ରଭାବ ବିସ୍ତାର କରିବା ସହିତ ତାଙ୍କ ଜୀବନର ସବୁଠାରୁ ବଡ଼ ଲକ୍ଷ୍ୟ ଥିଲା ବିଚ୍ଛିନ୍ନ ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରିବା। ଏହି ଉଦ୍ଦେଶ୍ୟରେ ସେ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା କରିଥିଲେ। ସେତେବେଳେ ଓଡ଼ିଶାର ବିଭିନ୍ନ ଅଂଶ ବଙ୍ଗଳା, ମାନ୍ଦ୍ରାଜ ଓ କେନ୍ଦ୍ର ପ୍ରଦେଶ ଅଧୀନରେ ରହି ନିଜର ଭାଷା ଓ ସଂସ୍କୃତି ହରାଉଥିଲା। ମଧୁବାବୁଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଏକ ପ୍ରଭାବଶାଳୀ ଗଣଆନ୍ଦୋଳନରେ ପରିଣତ ହୋଇଥିଲା। ତାଙ୍କର ଦୀର୍ଘ ବର୍ଷର ସଂଗ୍ରାମ ଓ ଯୁକ୍ତିସଙ୍ଗତ ଦାବି ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଭାଷା ଭିତ୍ତିରେ ଭାରତର ପ୍ରଥମ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶାର ଜନ୍ମ ହୋଇଥିଲା।

କେବଳ ଏକ ଭୌଗୋଳିକ ସୀମା ରେଖା ନୁହେଁ, ବରଂ ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ମଧୁସୂଦନ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ସେ ବୁଝିଥିଲେ ଯେ ଶିଳ୍ପ ବିନା ଅର୍ଥନୈତିକ ବିକାଶ ଅସମ୍ଭବ। ଏହି ପରିପ୍ରେକ୍ଷୀରେ ସେ କଟକଠାରେ 'ଉତ୍କଳ ଟ୍ୟାନେରୀ' (ଯୋତା କାରଖାନା) ଏବଂ 'ଓଡ଼ିଶା ଆର୍ଟ ୱେୟାର୍ସ' ଭଳି ଅନୁଷ୍ଠାନ ସ୍ଥାପନ କରିଥିଲେ। ସେ ଓଡ଼ିଆ କାରିଗରଙ୍କ ନିପୁଣତାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚାହୁଁଥିଲେ। ତାଙ୍କର ଏହି ପ୍ରଚେଷ୍ଟା ଓଡ଼ିଶାର ହସ୍ତଶିଳ୍ପ ଓ ତାରକସି କାମକୁ ଏକ ନୂତନ ଜୀବନ ଦେଇଥିଲା। ସେ ସର୍ବଦା 'ସ୍ୱଦେଶୀ' ଭାବନାକୁ ପ୍ରୋତ୍ସାହିତ କରୁଥିଲେ।

ଆର୍ଥିକ ଓ ରାଜନୈତିକ ଉନ୍ନତି ସହିତ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା। ସେ ନିଜେ ଜଣେ ଭାବୁକ ଲେଖକ ଓ ଓଜସ୍ୱିନୀ ବାଗ୍ମୀ ଥିଲେ। ତାଙ୍କର ଲେଖା ଓ ଭାଷଣରେ ସର୍ବଦା ଦେଶପ୍ରେମ ଓ ଜାତୀୟତାର ସ୍ୱର ଝଙ୍କୃତ ହେଉଥିଲା। ସେ ସମୟର ସାହିତ୍ୟିକମାନଙ୍କୁ ସେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଦାସର୍ବଦା ଉତ୍ସାହିତ କରୁଥିଲେ। 'ଜାତି ନନ୍ଦିଘୋଷ'କୁ ସ୍ୱାର୍ଥ ରହିତ ଭାବେ ଚଳାଇବା ପାଇଁ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟକୁ ସ୍ପର୍ଶ କରେ।

ପରିଶେଷରେ, ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ଏହି ମହାନ୍ ପୁରୁଷଙ୍କର ଦେହାନ୍ତ ହୋଇଥିଲା। ସେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଅନ୍ତିମ ପର୍ଯ୍ୟାୟ ଦେଖିବାକୁ ଜୀବିତ ନଥିଲେ ମଧ୍ୟ, ତାଙ୍କ ଦ୍ୱାରା ପ୍ରଜ୍ୱଳିତ ଜାତୀୟତାର ବହ୍ନିଶିଖା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ମଧୁସୂଦନ ଦାସ କେବଳ ଇତିହାସର ଏକ ନାମ ନୁହନ୍ତି, ସେ ହେଉଛନ୍ତି ଓଡ଼ିଆ ଜାତିର ସ୍ୱାଭିମାନର ମେରୁଦଣ୍ଡ। ତାଙ୍କର ତ୍ୟାଗ, ଆଦର୍ଶ ଏବଂ କର୍ମନିଷ୍ଠା ଆଗାମୀ ପିଢ଼ି ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ।

# ପିଏମ୍ କିଷାନ ଉତ୍ସବ




ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି । 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ । ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ୨୨ତମ କିସ୍ତିରେ ଦେଶର ୯. ୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି । ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତା'ର ପରିଶ୍ରମର ଏକ ବଡ଼ ସମ୍ମାନ । ଆମ ରାଜ୍ୟରେ, ୩୪ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ, ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମୋଦୀ ଜୀ ଆଜି ପ୍ରଦାନ କରୁଛନ୍ତି ।

ପିଏମ୍ କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା e-KYC, ଜମିଜମାର ବିବରଣୀ, ଆଧାର -ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ପିଏମ୍ କିଷାନ୍ ସହିତ ଆମ ସରକାର ମଧ ରାଜ୍ୟରେ "ସିଏମ୍ କିଷାନ" ଯୋଜନାରେ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ବର୍ତ୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୭ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (PVTG) ର ଚାଷୀ ଏବଂ ୩୧ ହଜାର ୬୯୫ ଜଣ ସହରାଞ୍ଚଳର ଚାଷୀ ସାମିଲ ଅଛନ୍ତି ।

ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ କୃଷିବିଦ୍ୟାନିଧି ଯୋଜନାରେ ଆଜି ସୁଦ୍ଧା ୬୮ ହଜାର ୯୧୫ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିଛନ୍ତି । ଏଥିପାଇଁ ସେମାନଙ୍କୁ ୨୯୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ ଯାହାକି ଏକ ସର୍ବକାଳୀନ ରେକର୍ଡ । ସରକାର କେନ୍ଦ୍ର ସରକାରଙ୍କ ସହ ମିଶି କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଆମେ କେବଳ ଧାନ ଚାଷରେ ସୀମିତ ନରହି ଡାଲି ଜାତୀୟ ଫସଲ, ପନିପରିବା, ଫଳ ଏବଂ ଅର୍ଥକାରୀ ଫସଲ ଉପରେ ଧ୍ୟାନ ଦେବା ଉଚିତ । ଓଡ଼ିଶାର ମାଟି ଅତ୍ୟନ୍ତ ଉର୍ବର ଏବଂ ଏହାର ସଦୁପଯୋଗ କରି ଆମେ କୃଷି ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବା । ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଆମ କୃଷି ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛି । କୃଷି ବିଶେଷଜ୍ଞମାନଙ୍କ ମତରେ କୃଷି କ୍ଷେତ୍ରରେ ନବସୃଜନ, ଜଳବାୟୁ-ସହନଶୀଳ ପଦ୍ଧତି, ଡିଜିଟାଲ୍ ସମାଧାନ ଏବଂ ଗୋଷ୍ଠୀ-ଭିତ୍ତିକ ଆଭିମୁଖ୍ୟ ହିଁ ଆମକୁ ଏକ ସ୍ଥାୟୀ ଖାଦ୍ୟ ପ୍ରଣାଳୀ ଆଡ଼କୁ ନେଇଯିବ ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଏହି ବର୍ଷର ପ୍ରଥମ ପିଏମ୍- କିଷାନ କିସ୍ତି ଆଜି ପ୍ରଦାନ କରାଯାଉଛି । ୨୨ ତମ କିସ୍ତିରୁ ବଞ୍ଚିତ ଯୋଗ୍ୟ ଚାଷୀଙ୍କୁ ଆଧାର-ବ୍ୟାଙ୍କ ଲିଙ୍କ, ଜମିଜମା ସଂକ୍ରାନ୍ତୀୟ ପରିଚୟପତ୍ର ଠିକ ଭାବେ ଦାଖଲ କରିବାକୁ କହିଥିଲେ । ଏହାଦ୍ୱାରା କୌଣସି ବି ଯୋଗ୍ୟ ଚାଷୀ ସହାୟତା ପାଇବାରୁ ଆଉ ବାଦ ପଡ଼ିବେ ନାହିଁ ।

- **୨୨ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ**
- **ଦେଶର ୯. ୩୨ କୋଟି ଚାଷୀ ପାଇଲେ ପ୍ରାୟ ୧୯ ହଜାର କୋଟି ଟଙ୍କା**
- **ଓଡିଶାର ୩୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପାଇଲେ ୬୮୪ କୋଟି**
- **ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**
- **ପିଏମ୍ କିଷାନର ଲାଭ ଉଠାଇବାକୁ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ, କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍‌ସେନା, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ ।

# କଳିଙ୍ଗ-ଉତ୍କଳ-ଓଡ଼ିଶା
# ୨୦୩୬କୁ ଗୌରବ ଯାତ୍ରା



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭାରତବର୍ଷକୁ ଇଂରେଜମାନେ ଆସିବା ପୂର୍ବରୁ ଆଜିର ଏ ଓଡ଼ିଶା କଳିଙ୍ଗ ନାମରେ ଖାରବେଳଙ୍କ ଶାସନ କାଳରେ ସାରା ବିଶ୍ୱରେ ତା'ର ଗରିମାମୟ ଇତିହାସ ସୃଷ୍ଟି କରିଥିଲା । କୁହାଯାଏ, ଖ୍ରୀ.ପୂ ୨୬୧ରେ କଳିଙ୍ଗ ଯୁଦ୍ଧରେ ମୌର୍ଯ୍ୟ ସମ୍ରାଟ ଅଶୋକ, ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଥିଲେ । ଓଡ଼ିଆ ପାଇକ ତାଙ୍କୁ ଧର୍ମର ମାର୍ଗ ଦେଖାଇଥିଲେ । କଳିଙ୍ଗ ଏକ ସ୍ୱାଧୀନ ରାଜ୍ୟ ଥିଲା ଏବଂ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ସମ୍ରାଟ ଅଶୋକ କ୍ଷମତାସୀନ ହେବାର ଅଷ୍ଟମ ବର୍ଷରେ ସାରା ଭାରତକୁ ଗୋଟିଏ ଶାସନ ଅଧୀନକୁ ଆଣିବା ପାଇଁ କଳିଙ୍ଗକୁ ଆକ୍ରମଣ କରିଥିଲେ । ଏକ ଭୟଙ୍କର ଯୁଦ୍ଧରେ କଳିଙ୍ଗର ପ୍ରାୟ ଏକ ଲକ୍ଷ ସୈନିକ ବୀରଗତି ପ୍ରାପ୍ତ ହେବା ସହିତ ପ୍ରାୟ ଦେଢ଼ ଲକ୍ଷ ସୈନିକ ବନ୍ଦୀ ହୋଇଥିଲେ । ସେଦିନ ସାରା ବିଶ୍ୱ ଦେଖିଥିଲା ଓଡ଼ିଆ ଜାତିର ମାତୃଭୂମି ପ୍ରତି ମମତା । ରକ୍ତସ୍ନାନ କରି ବି ଓଡ଼ିଆ ପୁଅ ସମ୍ରାଟ ଅଶୋକଙ୍କ ବଶ୍ୟତା ସ୍ୱୀକାର କରିନଥିଲା । ବାସ୍ତବ ଜୟ ହତିଆରରେ ନୁହେଁ ବରଂ ହୃଦୟ ଜୟ ହିଁ ବାସ୍ତବରେ ଜୟ । ଏହାର ପ୍ରମାଣ ବିଶ୍ୱବାସୀ ଦେଖିବାକୁ ପାଇଥିଲେ । ଧଉଳି ଶାନ୍ତିସ୍ତୂପ ତା'ର ଏକ ସାଙ୍କେତିକ ସ୍ମୃତି ମାତ୍ର ।

ରାଜନୈତିକ ଉତ୍‌ଥାନ ପତନ ଭିତରେ କଳିଙ୍ଗ ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇ ମାନ୍ଦ୍ରାଜ, ବିହାର ଏବଂ ବେଙ୍ଗଲ ରାଜ୍ୟର ଅଂଶ ବିଶେଷ ହୋଇ ଇଂରେଜମାନଙ୍କ ଦ୍ୱାରା ପରାଧୀନ ହେଲା । ୧୮୬୬ ମସିହାର ନଅଙ୍କ (ଗଜପତି ମହାରାଜାଙ୍କ ନବମ ବର୍ଷ ଶାସନ କାଳ) ଦୁର୍ଭିକ୍ଷ ଓଡ଼ିଶା ପାଇଁ ଏକ ଚରମ ବିପର୍ଯ୍ୟୟ ଆଣିଥିଲା । ତା'ର ୨୦ ବର୍ଷ ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଠାରୁ ବ୍ରିଟିଶ ସରକାର ଓଡ଼ିଶାର ଶାସନ ସହିତ ସାରା ଭାରତ ବର୍ଷର ଶାସନ କ୍ଷମତା ନିଜ ହାତକୁ ନେଲେ । ସେତେବେଳେ ଓଡ଼ିଶାର ଶାସନ ମୁଖ୍ୟ ଥିଲେ ରେଭେନ୍ସା ସାହେବ (Thomas Edward Ravenshaw) । ତାଙ୍କ ଶାସନ ଅଧୀନରେ ଓଡିଶା କିଭଳି ସ୍ଥିତିରେ ଥିଲା ସେଥି ନେଇ ଭିନ୍ନ ଭିନ୍ନ ମତ ରହିଛି । ତଥାପି ଲୋକଙ୍କୁ ବିପର୍ଯ୍ୟୟରୁ ମୁକୁଳାଇବା ପାଇଁ ରେଭେନ୍ସା ସାହେବ କିଛି ଜନ ହିତକାରୀ କାର୍ଯ୍ୟ ଆରମ୍ଭ କଲେ । କୃଷିର ଉନ୍ନତି ପାଇଁ ତାଳଦଣ୍ଡା, ମାଛଗାଁ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଗୋବରୀ କେନାଲ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଶିକ୍ଷାର ଉନ୍ନତି ପାଇଁ ୧୮୬୮ରେ କଟକ ଠାରେ କଲେଜ (Ravenshaw College) ଆରମ୍ଭ କଲେ ଯାହା ପରେ ପରେ ତାଙ୍କ ନାମରେ ପ୍ରସିଦ୍ଧି ଲାଭ କଲା ।

ଓଡ଼ିଆ ଭାଷାକୁ ବଙ୍ଗଳା ଭାଷା ପ୍ରଭାବରୁ ରକ୍ଷା କରିବା ପାଇଁ ପରୋକ୍ଷରେ ରେଭେନ୍ସା ସାହେବ ଓଡ଼ିଆ ଭାଷାକୁ ସମର୍ଥନ କରିଥିଲେ । ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଫକିରମୋହନ ସେନାପତି ଏବଂ ଡ. ହରେକୃଷ୍ଣ ମହତାବଙ୍କ ଭଳି କିଛି ମହାମାନବ ୧୮୭୦ ମସିହାରେ ଉତ୍କଳ ସଭା ଗଠନ କରି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ । ଦୀର୍ଘ ଦିନର ସଂଗ୍ରାମ ପରେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ ହେଲା । ୧୯୧୨ ମସିହାରେ ବିହାର ଏବଂ ଓଡ଼ିଶା ଏକାଠି ହେଲା । ୧୯୧୭ ମସିହା ବେଳକୁ ଭାଷା ଭିତ୍ତିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାପାଇଁ ଦାବି ଜୋର ଧରିଲା । ୧୯୩୧ ମସିହା ଲଣ୍ଡନ ଗୋଲଟେବଲ ବୈଠକରେ ଓଡ଼ିଶାର ଦାବି ଉପସ୍ଥାପିତ ହୋଇ ବହୁ ଆଲୋଚନା ଏବଂ ବିତର୍କ ହେଲା । ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ବିଭିନ୍ନ ନଦୀ ଦ୍ୱାରା ପରିବେଷ୍ଟିତ ଏକ ଦରିଦ୍ର ଅଞ୍ଚଳକୁ କିପରି ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯାଇପାରିବ ? ଏନେଇ ଖୁବ ବିତର୍କ ହେଲା । ଉତ୍କଳ ଗୌରବ ମଧୁସୁଦନଙ୍କ ବିଚକ୍ଷଣ ବୁଦ୍ଧି ଏବଂ ତାଙ୍କର ବଳିଷ୍ଠ ଯୁକ୍ତି କେଉଁଠି ହାର ମାନି ନଥିଲା । ଓଡ଼ିଶା ଏହାର ଲୋକଚରିତ୍ର, ପ୍ରାକୃତିକ ତଥା ଖଣିଜ ସମ୍ବଳ, ପର୍ଯ୍ୟଟନର ସୁଯୋଗ, ସର୍ବୋପରି ଏ ଅଞ୍ଚଳର ଉର୍ବର ମୃତ୍ତିକାକୁ ନେଇ ଦିନେ ନା ଦିନେ ସାରା ଭାରତ ବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ରୂପେ ଉଦ୍ଭାସିତ ହେବ ଏଥିରେ ତାଙ୍କର ତିଳେ ମାତ୍ର ସନ୍ଦେହ ନଥିଲା ।

ପରିଶେଷରେ ୧୯୩୬ ମସିହା ଏପ୍ରିଲ ୧ ରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଭଳି ୬ ଟି ଜିଲ୍ଲାକୁ ନେଇ ଭାଷା ଭିତ୍ତିରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା । ବିହାର ଓଡ଼ିଶା ପ୍ରୋଭିନ୍‌ସେସ୍‌ରୁ କଟକ, ପୁରୀ, ବାଲେଶ୍ୱର, ସେଣ୍ଟ୍ରାଲ ପ୍ରୋଭିନ୍‌ସେସ୍‌ରୁ ସମ୍ବଲପୁର ଏବଂ ମାନ୍ଦ୍ରାଜ ପ୍ରୋଭିନ୍‌ସେସ୍‌ରୁ ଗଞ୍ଜାମ ଓ କୋରାପୁଟକୁ ଅଣାଯାଇ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ଗଠନ ହେଲା । ବିହାର ପ୍ରୋଭିନ୍‌ସେସ୍‌ରୁ ଓଡ଼ିଶା ଭାଷାଭାଷି ଅଞ୍ଚଳ ଷଢେଇକଳା ଏବଂ ଖରସୁଆଁ ପ୍ରଭୃତି ଅଞ୍ଚଳ ମଧ ଆମ ରାଜ୍ୟରେ ସମିଲ ହେଲା (ପରବର୍ତ୍ତୀ ଅବସ୍ଥାରେ ଅବଶ୍ୟ ଷଢେଇକଳା ଏବଂ ଖରସୁଆ ଆମଠାରୁ ବିଚ୍ଛିନ୍ନ ହେଲା) ।

ଉତ୍କଳ ପ୍ରଦେଶ ଗଠନ ସମୟରେ ଆମ ରାଜ୍ୟର ସାକ୍ଷରତା ହାର ୬ରୁ ୭% ଥିଲା । ମହିଳାଙ୍କ ସାକ୍ଷରତା ହାର ୧ରୁ ୨% ଥିଲା । ୨୬ଟି ସ୍ୱତନ୍ତ୍ର ଦେଶୀୟ ଛୋଟଛୋଟ ରାଜ୍ୟ ବା ଗଡ଼ଜାତ ଅଞ୍ଚଳ ବିଭିନ୍ନ ରାଜାମାନଙ୍କ ଦ୍ୱାରା ଇଂରେଜ ଶାସକଙ୍କ ଦ୍ୱାରା ଅନୁମୋଦିତ ହୋଇ ଶାସନ ହେଉଥିଲା । ୧୯୩୦ ମସିହାରୁ ୧୯୪୦ ମସିହା ପର୍ଯ୍ୟନ୍ତ ଗଡ଼ଜାତ ରାଜ୍ୟମାନଙ୍କରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଚାଲୁଥିଲା । ସେଥିମଧ୍ୟରୁ ଢେଙ୍କାନାଳ ରାଜାଙ୍କ ବିରୁଦ୍ଧରେ ଆନ୍ଦୋଳନ, ବାଜିରାଉତ ଶହୀଦ ଘଟଣା ଆନ୍ଦୋଳନର ଗତିକୁ ଖୁବ କ୍ଷୀପ୍ର କରିଥିଲା । ଏହି ଆନ୍ଦୋଳନରେ ମଧ ଆମ ଓଡ଼ିଶାର ଲକ୍ଷ୍ମଣ ନାଏକ, ବାଜି ରାଉତଙ୍କ ଭଳି ସଂଗ୍ରାମୀଙ୍କୁ ଶହୀଦ ହେବାକୁ ପଡ଼ିଥିଲା । ୧୯୪୭ ରେ ଦେଶ ସ୍ୱାଧୀନ ହେଲା ପରେ ଆମ ଦେଶର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଓଡ଼ିଶାର ଡ: ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ମାଳତି ଚୌଧୁରୀ ଏବଂ ସେତେବେଳେର ଭାରତ ସରକାରଙ୍କ ପ୍ରଶାସକ ଭିପି ମେନନ୍‌ଙ୍କ ଭଳି କିଛି ମହାମାନବଙ୍କ ପ୍ରଚେଷ୍ଟା ବଳରେ ସେଇ ୨୬ଟି ଗଡ଼ଜାତ ରାଜ୍ୟ ଆମ ଉତ୍କଳ ପ୍ରଦେଶରେ ମିଶ୍ରଣ ହୋଇ ଆଜିର ଏ ଓଡ଼ିଶା ଗଠନ ହେଲା ।

ପରାଧୀନ ଭାରତବର୍ଷର ଏହି ଉତ୍କଳ ଭୂଖଣ୍ଡ ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ଭାରତ ବର୍ଷରେ ପ୍ରଥମ । ଆମ ରାଜ୍ୟ ଗଠନର ପ୍ରାୟ ୨୦ ବର୍ଷ ପରେ ଭାଷା ଭିତ୍ତିରେ ଆନ୍ଧ୍ରପ୍ରଦେଶ ଗଠନ ହେଲା । ମାତ୍ର ୨ କୋଟି ଟଙ୍କାର ବାର୍ଷିକ ବଜେଟରେ ଆରମ୍ଭ

ହେଲା ଆମର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଜୟଯାତ୍ରା । ୧୯୩୭ ମସିହାର ପ୍ରଥମ ନିର୍ବାଚନରେ ବିଶ୍ୱନାଥ ଦାସ ହେଲେ ପ୍ରଥମ ପ୍ରିମିୟର ବା ମୁଖ୍ୟମନ୍ତ୍ରୀ । ଅବଶ୍ୟ ୧୯୩୬ ମସିହା ଏପ୍ରିଲ ୧ ତାରିଖରୁ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରିମିୟର ଘୋଷିତ ହୋଇଥିଲେ । ତାଙ୍କଠାରୁ ଆରମ୍ଭ କରି ବିଂଶତମ ମୁଖ୍ୟମନ୍ତ୍ରୀ ହିସାବରେ ମତେ ଏହି ମର୍ଯ୍ୟାଦା ସମ୍ପନ୍ନ ଦାୟିତ୍ୱ ମିଳିଛି ।

ଆଜି ଯେଉଁ ଆଧୁନିକ ଓଡ଼ିଶାକୁ ଆମେ ଦେଖିବାକୁ ପାଉଛନ୍ତି ତାହା ମୋର ପୂର୍ବ ସୂରୀ ତଥା ପୂର୍ବତନ ୧୯ ଜଣ ମୁଖ୍ୟମନ୍ତ୍ରୀଙ୍କ ପ୍ରବଳ ଉଦ୍ୟମ ଏବଂ ନିଷ୍ଠା ବଳରେ ସମ୍ଭବ ହୋଇଛି । ସେମାନଙ୍କୁ ମୋର ଏହି ୯୦ ତମ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉତ୍ସବ ପାଳନ ଅବକାଶରେ ଭକ୍ତିପୂତ ପ୍ରଣାମ ଜଣାଉଛି । ଏ ଉତ୍କଳ ଭୂମି ଆଜି ପରିପୁଷ୍ଟ ହୋଇଛି – ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜ୍ଞାନ ଆଉ ତର୍କରେ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତ୍ୟାଗ ଆଉ ସେବାରେ, ଆଚାର୍ଯ୍ୟ ହରିହରଙ୍କ ଛାତ୍ରବତ୍ସଳତା ଓ ଜ୍ଞାନରେ, ଫକୀରମୋହନଙ୍କ ସାହିତ୍ୟରେ, ଡ: ହରେକୃଷ୍ଣ ମହତାବଙ୍କ ସେବା ଆଉ ବୁଦ୍ଧିରେ, ନବକୃଷ୍ଣ ଚୌଧୁରୀଙ୍କ ସାଧୁତା ଆଉ ମର୍ଯ୍ୟାଦାରେ । ଆମ ଓଡ଼ିଆ ଭାଷା ଆଉ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ଗୋପିନାଥ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟ, ଶ୍ରୀକାନ୍ତ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରତିଭା ରାୟଙ୍କ ଭଳି ମହାନ ବ୍ୟକ୍ତି ବିଶେଷଙ୍କ ପାଇଁ । ଡ଼: ପ୍ରାଣକୃଷ୍ଣ ପରିଜାଙ୍କ ଠାରୁ ଆରମ୍ଭକରି ଗୋକୁଳାନନ୍ଦ ମହାପାତ୍ରଙ୍କ ପର୍ଯ୍ୟନ୍ତ ମହାନ ବ୍ୟକ୍ତିମାନଙ୍କ ଅବଦାନ ଅତୁଳନୀୟ । ଆମ କଳାକ୍ଷେତ୍ର ଚିର ସ୍ମରଣୀୟ ଗୁରୁ କେଳୁଚରଣଙ୍କ ଠାରୁ ଆରମ୍ଭକରି ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ଭିକାରୀ ବଳଙ୍କ ଭଳି ଖ୍ୟାତନାମା କଳାକାରଙ୍କ ଦ୍ୱାରା ସମୃଦ୍ଧ । ଦିଲ୍ଲୀପ ତିର୍କୀ, ପ୍ରମୋଦ ଭଗତ, ଦୃତିଚାନ୍ଦଙ୍କ ପରି କ୍ରୀଡାବିତ୍ ଆମର ଗୌରବ । ସେବାରେ ସୁଧାମୂର୍ତ୍ତି ଠାରୁ ଆରମ୍ଭକରି ତୁଳସୀ ମୁଣ୍ଡା ଆମର ଆଦର୍ଶ ।ଏବେ ପୃଥିବୀର ଅର୍ଦ୍ଧାଧିକ ଅଞ୍ଚଳ ମଧପ୍ରାଚ୍ୟ ଅର୍ଥାତ ଏସିଆ ୟୁରୋପ ଏବଂ ଆମେରିକା ମଧରେ ଥିବା ଦେଶ ସମୂହ ବାରୁଦ ଗନ୍ଧରେ ଅଣ ନିଶ୍ୱାସୀ ହେଉଛନ୍ତି । ଅଳ୍ପ ବହୁତେ ଆମ ଦେଶ ତଥା ଆମ ରାଜ୍ୟ ଯୁଦ୍ଧ ଦ୍ୱାରା ପ୍ରଭାବିତ ହେଉଛି । ଋଷିଆ, ଚୀନ, ଆମେରିକା ଭଳି ପୃଥିବୀର ବଡ଼ବଡ଼ ଶକ୍ତିଶାଳୀ ରାଷ୍ଟ୍ର ସଂଘର୍ଷମୟ ପରିସ୍ଥିତି ଦେଇ ଗତି କରୁଛନ୍ତି । ପୃଥିବୀର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶ ଭାରତ ଉପରେ ଏବେ ସାରା ବିଶ୍ୱର ନଜର । ସାରା ପୃଥିବୀ ଯୁଦ୍ଧ ମନସ୍କ ଥିବାବେଳେ ଆମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଇଁ ପ୍ରସ୍ତୁତିରେ ଅଛୁ । ମୋ ରାଜ୍ୟରେ ଅନେକ ଜ୍ଞାନୀ, ଗୁଣି ଏବଂ ବୁଦ୍ଧିଜୀବୀ ଅଛନ୍ତି ଯେଉଁମାନଙ୍କର ସହଯୋଗରେ ୨୦୩୬ ବେଳକୁ ଓଡିଶା କେବଳ ଭାରତରେ ନୁହେଁ, ପୃଥିବୀର ଏକ ବିକଶିତ ଅଞ୍ଚଳରେ ପରିଣତ ହୋଇଥିବ । ମୁଁ ନିମିତ୍ତ ମାତ୍ର । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସମସ୍ତ ରାଷ୍ଟ୍ରପ୍ରେମୀ, ଜ୍ଞାନୀ, ଗୁଣି ବ୍ୟକ୍ତି ବିଶେଷଙ୍କୁ ନିବେଦନ କରୁଛି ଆମ ସରକାରଙ୍କୁ ଗଠନମୂଳକ ସହଯୋଗର ହାତ ବଢାନ୍ତୁ । ସେମାନଙ୍କର ପରାମର୍ଶ ଏବଂ ଜ୍ଞାନକୁ ମୁଁ ସାଦରେ ଗ୍ରହଣ କରି ରାଜ୍ୟର ବିକାଶ ଯାତ୍ରାରେ ଏକ ସଶକ୍ତ ଶକ୍ତି ଭାବେ ଯୋଡ଼ି ରଖିବି ।

# ମନ୍ କି ବାତ୍

ସମ୍ବଲପୁରର ମହିଳା ମତ୍ସ୍ୟଚାଷୀ **ସୁଜାତା ଭୂୟାଁ** ଏବଂ କେନ୍ଦ୍ରାପଡ଼ାର ଯୁବ ପ୍ରତିଭା **ଓମପ୍ରକାଶ ରଥ** ଏବେ ସେମାନଙ୍କ ସଫଳତା ପାଇଁ ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୨୯ରେ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ସୁଜାତା ଏବଂ ଓମପ୍ରକାଶଙ୍କୁ ପ୍ରଶଂସା କରିଛନ୍ତି ।

## ଗୃହିଣୀରୁ ସଫଳ ମାଛ ଚାଷୀ



ହୀରାକୁଦ ଜଳଭଣ୍ଡାର ପାଖରେ ଥିବା ଛୋଟ ଗାଁରେ, ୩୫ ବର୍ଷୀୟ ସୁଜାତା ଭୂୟାଁ ଗୃହିଣୀରୁ ସଫଳ ମାଛ ଚାଷୀ ହୋଇପାରିଛନ୍ତି ଏବଂ ପ୍ରତିବର୍ଷ ପ୍ରାୟ ୭ରୁ ୮ ଲକ୍ଷ ଟଙ୍କା ଆୟ କରୁଛନ୍ତି । ସୁଜାତା, ନିଜ ସ୍ୱାମୀ ଓ ତାଙ୍କ ଛୋଟ ପୁଅ ସହ ଏକ ସରଳ ଜୀବନ ବିତାଉଥିଲେ । କିନ୍ତୁ ଆର୍ଥିକ କ୍ଷେତ୍ରରେ ନିଜର ଅଲଗା ପରିଚୟ ତିଆରି କରିବା ପାଇଁ ୨୦୨୩ ମସିହାରେ, ସେ ହୀରାକୁଦ ଜଳାଶୟରେ କେଜ୍ କଲ୍ଚର ମାଛ ଚାଷ ଆରମ୍ଭ କରିବାକୁ ପଦକ୍ଷେପ ନେଲେ । ମାଛ ଚାଷ ବିଭାଗର କର୍ମଚାରୀଙ୍କ ମାର୍ଗଦର୍ଶନ ଓ ପରିବାରର ସମର୍ଥନ ପାଇବା ପରେ ସେ ୧୬ ମିଟର ବ୍ୟାସର ତିନୋଟି ବୃତ୍ତାକାର କେଜ୍ ସହିତ ନିଜ ପ୍ରକଳ୍ପ ଆରମ୍ଭ କଲେ । ଏହି ବ୍ୟବସାୟ ପାଇଁ, ସୁଜାତା ପ୍ରଥମେ ପ୍ରାୟ ୫୪ ଲକ୍ଷ ଟଙ୍କା ବିନିଯୋଗ କଲେ, ଯେଉଁଥିରେ ନିଜ ସଞ୍ଚୟ ସହ ପ୍ରାୟ ୩୦ ଲକ୍ଷ ବ୍ୟାଙ୍କ ଋଣ ଥିଲା । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ସେ ୩୨.୪ ଲକ୍ଷ ଟଙ୍କା ସରକାରୀ ସବସିଡି ପାଇଥିଲେ । ସୁଜାତା ତିଲାପିଆ, ପଙ୍ଗାସିଅସ୍ ଓ ଭାରତୀୟ ମେଜର କାର୍ପ ପରି ମାଛ ପ୍ରଜାତି ପାଳନ ଶିଖିଲେ ଓ ଦ୍ୱିତୀୟ ବର୍ଷରୁ ତାଙ୍କ ବାର୍ଷିକ ପରିଚାଳନା ଖର୍ଚ୍ଚ ପ୍ରାୟ ୨୫ ଲକ୍ଷ ଟଙ୍କାରେ ସ୍ଥିର ହେଲା । ଅଭିଜ୍ଞତା ବୃଦ୍ଧି ଓ ଉନ୍ନତ ପରିଚାଳନା ପ୍ରଣାଳୀ ସହିତ, ଏବେ ବର୍ଷକୁ ପ୍ରାୟ ୨୫-୩୦ ଟନ୍ ମାଛ ଉତ୍ପାଦନ କରୁଛନ୍ତି । ଜଣେ ଗୃହିଣୀ ହୋଇ ମଧ ସୁଜାତା ହୀରାକୁଦ ଜଳଭଣ୍ଡାରରେ ମାଛ ଚାଷ କରିବା ଓ ପରିବାର ପ୍ରତିପୋଷଣ କରୁଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଶଂସା କରିଛନ୍ତି । ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଏହି ଯାତ୍ରା ନାରୀ ସମାଜକୁ ପ୍ରେରିତ କରିବ ବୋଲି କହିଛନ୍ତି ।

## ଯୁବ ପ୍ରତିଭା ଓମପ୍ରକାଶ



ଭାରତ ବଜେଟ କ୍ୱେଷ୍ଟ-୨୦୨୬ରେ ବିକଶିତ ଭାରତର ସଂକଳ୍ପକୁ ସଫଳ କରିବା ଦିଗରେ ଯୁବବର୍ଗ କିପରି କାର୍ଯ୍ୟ କରିବା ଉଚିତ ସେ ସମ୍ପର୍କରେ ଭବିଷ୍ୟତ ମାର୍ଗ ପ୍ରସ୍ତୁତ କରି ଚର୍ଚ୍ଚାରେ ଅଛନ୍ତି କେନ୍ଦ୍ରାପଡ଼ା ଡ଼େରାବିଶ ବ୍ଲକ ଚାନ୍ଦୋଳର ଯୁବ ପ୍ରତିଭା ଓମପ୍ରକାଶ ରଥ । ଓମପ୍ରକାଶ ଡ଼େରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଯୁକ୍ତ ତିନି ରାଜନୀତି ବିଜ୍ଞାନ ବିଭାଗ ସମ୍ମାନର ଛାତ୍ର । ମହିଳାଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଓମପ୍ରକାଶ ଲେଖିଥିବା ନିବନ୍ଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ମୋ ଭାରତ ସଙ୍ଗଠନ ଦେଶର ଯୁବବର୍ଗଙ୍କୁ ଭିନ୍ନ ଭିନ୍ନ ସକାରାତ୍ମକ ଗତିବିଧି ସହ ଯୋଡୁଛି । ମୋ ଭାରତ ଦ୍ୱାରା ଆୟୋଜିତ ବଜେଟ କ୍ୱେଷ୍ଟର କୁଇଜରେ ସାରା ଦେଶରୁ ପ୍ରାୟ ୧୨ଲକ୍ଷ ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ । କୁଇଜ ପରେ ପ୍ରାୟ ୧ଲକ୍ଷ ୬୦ ହଜାର ପ୍ରତିଯୋଗୀଙ୍କୁ ପ୍ରବନ୍ଧ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା । ଏଥିରୁ କିଛି ପ୍ରବନ୍ଧ ପ୍ରଧାନମନ୍ତ୍ରୀ ପଢ଼ିଥିବା କହିଛନ୍ତି । କେନ୍ଦ୍ରାପଡ଼ାରୁ ଓମପ୍ରକାଶ ମହିଳାଙ୍କ ନେତୃତ୍ୱରେ ବିକାଶକୁ ଆଗେଇ ନେବାର ଉପାୟଗୁଡ଼ିକ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ । ଏହି ଚିନ୍ତାଧାରା ଦେଶକୁ ଆଗେଇ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସମ୍ବଲପୁରର ସୁଜାତା ଓ କେନ୍ଦ୍ରାପଡ଼ାର ଓମପ୍ରକାଶଙ୍କୁ ପ୍ରଶଂସା କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କର ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସେମାନଙ୍କ ଏହି ସଫଳତା ସମାଜ ପାଇଁ ପ୍ରେରଣାଦାୟକ ଉଦାହରଣ ହେବ ବୋଲି କହିଛନ୍ତି । ନିଜସ୍ୱ ଉଦ୍ୟମ ଏବଂ ସରକାରଙ୍କ ଯୋଜନା ଜରିଆରେ ମିଳୁଥିବା ସହାୟତାର ସୁଯୋଗ ନେଲେ ସଫଳତା ନିଶ୍ଚିତ ମିଳିବ-ଏକଥା ସେମାନେ ପ୍ରମାଣ କରି ଦେଖାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ବିଧାନସଭାରେ ବ୍ୟୟମଞ୍ଜୁରୀ ବିଧେୟକ ଗୃହୀତ

## ବଜେଟ୍ ୨୦୨୬-୨୭

ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଗତ ବ୍ୟୟମଞ୍ଜୁରୀ ବିଧେୟକ ଗୃହୀତ ହୋଇଛି। ଏପ୍ରିଲ ପହିଲାରୁ ନୂତନ ଆର୍ଥିକ ବର୍ଷ ପାଇଁ ବଜେଟରେ ଧାର୍ଯ୍ୟ ବ୍ୟୟବରାଦ ଖର୍ଚ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ବିଧେୟକ ଗୃହରେ ଉପସ୍ଥାପନ କରିବା ପରେ ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୬-୨୭ ବାର୍ଷିକ ବଜେଟ ଗରିବ, ଯୁବଶକ୍ତି, ଅନ୍ନଦାତା ଏବଂ ନାରୀଶକ୍ତିଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ। ରାଜ୍ୟର ସାଢେ ଚାରି କୋଟି ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ, ତଥା ସାମଗ୍ରିକ ଉନ୍ନତି ନିମନ୍ତେ ଏଥିରେ ପଦକ୍ଷେପ ନିଆଯାଇଛି ।

୨୦୨୫ ଜୁନ ୨୦ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ୨୦୩୬ ଏବଂ ୨୦୪୭ 'ଭିଜନ୍ ଡକ୍ୟୁମେଣ୍ଟ' ପ୍ରକାଶ ପାଇବା ପରେ ଏହା ହେଉଛି ପ୍ରଥମ ବଜେଟ୍। ୨୦୩୬ ସୁଦ୍ଧା ଓଡ଼ିଶାକୁ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ଏବଂ ଦେଶର ଜିଡିପିରେ ରାଜ୍ୟର ଅବଦାନକୁ ୩ ପ୍ରତିଶତ ରୁ୫ ପ୍ରତିଶତ କୁ ବୃଦ୍ଧି କରିବା ସହ ହାରାହାରି ବାର୍ଷିକ ଅଭିବୃଦ୍ଧି ହାରକୁ ୭ପ୍ରତିଶତ ରୁ ୯.୫ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ଲକ୍ଷ ଟଙ୍କାରୁ ୩୨ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ପ୍ରତିଶତ କୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ପ୍ରତିଶତ କୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ୨୦୨୬-୨୭ ବଜେଟ ଆକଳନ ଅନୁଯାୟୀ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ୧୧.୭ ଲକ୍ଷ କୋଟି ହେବ। ରାଜ୍ୟର ଅଭିବୃଦ୍ଧି ହାର ଆଗାମୀ ବର୍ଷରେ ହାରାହାରି ୮ପ୍ରତିଶତ କିମ୍ବା ତଦୁର୍ଦ୍ଧ ରହିବାର ଆଶା କରାଯାଉଛି। ଓଡ଼ିଶା ଦେଶର ପ୍ରସ୍ତାବିତ ମୋଟ ଘରୋଇ ବିନିଯୋଗର ପ୍ରାୟ ୧୩.୧ ପ୍ରତିଶତ ଅଂଶୀଦାର ହେବା ସହ ପୁଞ୍ଜି ବିନିଯୋଗ ଆକର୍ଷଣ ଦୃଷ୍ଟିରୁ ଦ୍ୱିତୀୟ ସର୍ବୋଚ୍ଚ ରାଜ୍ୟ ହୋଇପାରିଛି। ଏହା ଦ୍ୱାରା ଦେଶ ବିଦେଶର ଉଦ୍ୟୋଗୀମାନଙ୍କ ପାଇଁ ଓଡ଼ିଶା ଆଜି ଏକ ପସନ୍ଦ ଯୋଗ୍ୟ ନିବେଶ ସ୍ଥଳ ଭାବରେ ପରିଗଣିତ ହୋଇଛି। ଓଡିଶା ପୂର୍ବ ଭାରତର ଅର୍ଥେନୈତିକ ଶକ୍ତି କେନ୍ଦ୍ର ହେବା ପଥରେ ଅଗ୍ରସର ହେଉଛି ଏବଂ ଅତି ଶୀଘ୍ର ଭାରତୀୟ ବିକାଶର ଇଞ୍ଜିନ ଭାବେ ପରିଗଣିତ ହେବ।

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଅଛି, ଯାହା ଗତ ବର୍ଷର ବଜେଟ୍ ଅଟକଳ ଠାରୁ ପ୍ରାୟ ୭ପ୍ରତିଶତ ଅଧିକ। ଏହି ବଜେଟ୍ ଅଟକଳ ମଧ୍ୟରୁ ପ୍ରସ୍ତାବିତ କାର୍ଯ୍ୟକ୍ରମ ବ୍ୟୟ ୧ ଲକ୍ଷ ୮୦ହଜାର କୋଟି ଟଙ୍କା। ଏହା ମୋଟ ବଜେଟ୍ ର ୫୮ ପ୍ରତିଶତ। ବଜେଟରେ ଆକଳନ କରାଯାଇଥିବା ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ମୋଟ୍ ରାଜ୍ୟ ଘରୋଇ ଉତ୍ପାଦର ୬.୫ ପ୍ରତିଶତ, ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ। ଓଡ଼ିଶାରେ ଋଣ-ଜିଏସ୍‌ଡିପି ଅନୁପାତ ୧୪.୧ ପ୍ରତିଶତ ରହିଛି ଯାହା ନିର୍ଦ୍ଧାରିତ ୨୫ ପ୍ରତିଶତ ସୀମାଠାରୁ ଯଥେଷ୍ଟ କମ୍। ଓଡ଼ିଶାର ବିତ୍ତୀୟ ନିଅଣ୍ଟ, ଜିଏସ୍‌ଡିପିର ପ୍ରାୟ ୩.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି।

ନୀତି ଆୟୋଗଙ୍କ ଆର୍ଥିକ ସ୍ୱାସ୍ଥ୍ୟ ସୂଚକାଙ୍କ ରିପୋର୍ଟ ଅନୁଯାୟୀ ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ସର୍ବଶ୍ରେଷ୍ଠ ଶୃଙ୍ଖଳିତ ରାଜ୍ୟ। ବିଗତ ସରକାର ସମୟରେ ଓଡିଶାର ଚାଷୀଙ୍କ ଆୟ ଥିଲା ମାସିକ ୫,୧୧୫ ଟଙ୍କା। ସମୃଦ୍ଧ କୃଷି, ସୁଭଦ୍ରା, ପିଏମ ଓ ସିଏମ କୃଷି ଯୋଜନା ଇତ୍ୟାଦିକୁ ମିଶେଇଲେ ବର୍ତ୍ତମାନ ପ୍ରତି ଚାଷୀ ପରିବାରର ଆୟ ବାର୍ଷିକ ଅତି କମରେ ୩୩ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୬-୨୭ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କାର ଏକ ବିଶାଳ ପୁଞ୍ଜି ଆବଣ୍ଟନ କରାଯାଇଛି, ଯାହା ଗତବର୍ଷ ତୁଳନାରେ ୧୨.୩ ପ୍ରତିଶତ ଅଧିକ। 'ସମୃଦ୍ଧ କୃଷକ' ଯୋଜନା ମାଧ୍ୟମରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ ପାଇଁ ୬ ହଜାର ୮୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଠିକ୍ ସମୟରେ ପହଞ୍ଚାଇବା ପାଇଁ ଆବର୍ତ୍ତନ ପାଣ୍ଠି (Revolving Fund) କୁ ୫୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଅଟେ। କୃଷି ସହିତ ମାଛ ଚାଷ ଓ ପ୍ରାଣୀ ପାଳନ ଭଳି ଆନୁଷଙ୍ଗିକ କାର୍ଯ୍ୟ କରିବାକୁ ବଜେଟରେ ୨ ହଜାର ୧୯ କୋଟି ଟଙ୍କାର ପ୍ରବଧାନ କରାଯାଇଛି। 'ଓଡ଼ିଶା ଚିଙ୍ଗୁଡ଼ି ମିଶନ' ର ଶୁଭାରମ୍ଭ କରାଯାଇଛି, ଯାହା ମାଧ୍ୟମରେ ୧୦ ହଜାର ହେକ୍ଟରରୁ ଅଧିକ ପରିବେଶ ଅନୁକୂଳ ଚିଙ୍ଗୁଡ଼ି ଚାଷର ସମ୍ପ୍ରସାରଣ କରାଯିବ। ଚିପିଲିମାରେ ପଶୁଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ମୟୂରଭଞ୍ଜ ଓ ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖାଯାଇଛି।

ରାଜ୍ୟରେ ଭିବି-ଜି-ରାମ-ଜି ଯୋଜନାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯିବ। କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ରେ ଏହି ଯୋଜନା ପାଇଁ ୯୫ହଜାର କୋଟିରୁ ଅଧିକ ଟଙ୍କାର ବିଶାଳ ବ୍ୟୟବରାଦ କରାଯାଇଛି। ଏହା ମାଧ୍ୟମରେ ପ୍ରତି ଗ୍ରାମୀଣ ପରିବାରକୁ ବାର୍ଷିକ ୧୨୫ ଦିନର ନିଶ୍ଚିତ ରୋଜଗାର ପ୍ରଦାନ କରାଯିବ। ରାଜ୍ୟର ଦାଦନ ସମସ୍ୟାର ଏକ ସ୍ଥାୟୀ ଓ ମର୍ଯ୍ୟାଦାଜନକ ସମାଧାନ ପାଇଁ ଆମ



- **୧୧.୭ ଲକ୍ଷ କୋଟି ଛୁଇଁବ ରାଜ୍ୟର ମୋଟ ଘରୋଇ ଉତ୍ପାଦ**
- **୮% ଟପିବ ଅଭିବୃଦ୍ଧି ହାର**
- **ପୋଷଣୀୟ ସ୍ଥିତିରେ ଋଣ ଭାର, ପରିମାଣ ୧ ଲକ୍ଷ ୨୫ ହଜାର ୯୫୧କୋଟି**
- **ସମସ୍ତ ଋଣ ଉନ୍ନୟନ ଓ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ**
- **ବିତ୍ତୀୟ ନିଅଣ୍ଟ, ଜିଏସ୍‌ଡିପିର ୩.୫ ପ୍ରତିଶତ ହେବ**

ସରକାର "ଡାଲଖାଇ"(Dignified Access to Livelihood, Knowledge, Health and Allied Infrastructure) ନାମକ ଏକ ଯୋଜନା ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ସ୍ଥାୟୀ, ସୁରକ୍ଷିତ ଏବଂ ସମ୍ମାନଜନକ ଜୀବିକା ସୃଷ୍ଟି କରାଯିବ। ଓଡ଼ିଶାର ନାରୀଶକ୍ତିକୁ ଆର୍ଥିକ ଓ ସାମାଜିକ ଭାବେ ସମୃଦ୍ଧ କରିବା ପାଇଁ ବଜେଟ୍‌ରେ୧୮ ହଜାର ୯୫୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମହିଳା ସଶକ୍ତିକରଣ ଲକ୍ଷ୍ୟ ରଖି 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯିବ। ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ହଜାର ଟଙ୍କାର ଏକ ସଞ୍ଚୟ ପାଣ୍ଠି ଖୋଲାଯିବ। ସ୍ନାତକ ବା ଗ୍ରାଜୁଏସନ୍ ପରେ ତାଙ୍କୁ ୧ଲକ୍ଷ ୧ଟଙ୍କା ପ୍ରଦାନ କରାଯିବ। କନ୍ୟା ସନ୍ତାନର ଜନ୍ମରେ ମାତାଙ୍କୁ ୧୨,000 ଟଙ୍କାର ବର୍ଦ୍ଧିତ ସହାୟତା ଦେବା ସହିତ ଗରିବ ପରିବାରର ଝିଅମାନଙ୍କ ବିବାହ ପାଇଁ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" ମାଧ୍ୟମରେ ସରକାର ପରିବାରର ଆର୍ଥିକ ଭାର ହ୍ରାସ କରିବାରେ ସହଯୋଗ କରିବେ। ଏଥିସହିତ ୧ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢ଼ିତୋଳିବା ପାଇଁ ମିଶନ ଶକ୍ତି ବିଭାଗକୁ ୨ ହଜାର ୮0୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅସମ୍ପୂର୍ଣ୍ଣ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ "ସମୃଦ୍ଧ ଅଙ୍ଗନୱାଡ଼ି ଯୋଜନା" ଅଧୀନରେ ୬୩୫ କୋଟି ଟଙ୍କା ବ୍ୟୟ କରାଯିବ, ଯେଉଁଥିରେ ଆଧୁନିକ କ୍ରେଚ୍ (Crèche) ସୁବିଧା ଉପଲବ୍ଧ ହେବ।

ଉଚ୍ଚଶିକ୍ଷାର ସମ୍ପ୍ରସାରଣ ପାଇଁ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ଚାରିଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପାରାଦୀପ ଓ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ୍ ସ୍ଥାପନ କରାଯିବ।

ସ୍ୱାସ୍ଥ୍ୟ ଶିକ୍ଷା ଓ ଆୟୁଷ ପଦ୍ଧତିର ପ୍ରଚାର ପ୍ରସାର ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଭଳି ଆକାଂକ୍ଷୀ ଜିଲ୍ଲାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଗ୍ରାମାଞ୍ଚଳରେ ଚିକିତ୍ସା ସେବା ପହଞ୍ଚାଇବାକୁ ୧୮0୭ ଟି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସହ ପୁରୀ, କୋରାପୁଟ ଓ ଭୁବନେଶ୍ୱର ଭଳି ପ୍ରମୁଖ ସ୍ଥାନରେ 'ଡେଡିକେଟେଡ୍ ବର୍ଣ୍ଣ ୟୁନିଟ୍' ସ୍ଥାପନ ପାଇଁ ପ୍ରସ୍ତାବ ରହିଛି।

୨0୨୬-୨୭ ବଜେଟ୍ ଓଡ଼ିଶାକୁ ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଏବଂ କମ୍ୟୁନିକେସନ୍ ହବ୍ ଭାବରେ ଗଢ଼ିବା ପାଇଁ ଏକ ବୈପ୍ଳବିକ ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ସାମୁଦ୍ରିକ କ୍ଷେତ୍ରରେ କେନ୍ଦ୍ରାପଡ଼ାଠାରେ ୨୪ହଜାର ୭00 କୋଟି ଟଙ୍କା ବ୍ୟୟରେ ଜାତୀୟ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର, ଗଞ୍ଜାମର ବାହୁଦା ମୁହାଣଠାରେ ୨୧ ହଜାର ୫00 କୋଟି ଟଙ୍କା ବିନିଯୋଗରେ ସାଟେଲାଇଟ୍ ପୋର୍ଟ ଏବଂ ଜାତୀୟ ଜଳପଥ-୫ର କାର୍ଯ୍ୟକାରିତା ପାଇଁ ପ୍ରସ୍ତାବ ଦିଆଯାଇଛି। ଦକ୍ଷିଣ ଓଡ଼ିଶାର ବିକାଶକୁ ଗତିଶୀଳ କରିବା ପାଇଁ ୯ହଜାର କୋଟି ଟଙ୍କା ବ୍ୟୟରେ ୨୮୭ କିଲୋମିଟର ବିଶିଷ୍ଟ ବ୍ରହ୍ମପୁର-ଜୟପୁର ରାଜପଥ ନିର୍ମାଣ, 'ନମୋ ଏକ୍ସପ୍ରେସୱେ' ଏକ ପ୍ରମୁଖ ପୂର୍ବ-ପଶ୍ଚିମ କରିଡର ଭାବେ ଗଜପତିର ପାରଳାଖେମୁଣ୍ଡିକୁ ବରଗଡ଼ର ଅମ୍ବାଭୋନା ସହ ସଂଯୋଗ କରିବ। ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପର ସାମଗ୍ରିକ ବିକାଶ ପାଇଁ "ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ବିକାଶ ଯୋଜନା", "ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା" ଏବଂ "ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା" ଭଳି ଅଭିନବ ପଦକ୍ଷେପ କାର୍ଯ୍ୟକାରୀ କରାଯିବ। ବିଶେଷ କରି, ପିପିଲିର ବିଶ୍ୱପ୍ରସିଦ୍ଧ ଚାନ୍ଦୁଆ କଳାର ପୁନରୁଦ୍ଧାର ପାଇଁ ପିପିଲି ଟୋଲ୍ ପ୍ଲାଜା ନିକଟରେ ସମସ୍ତ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ଏକ ନୂତନ "ପିପିଲି ଚାନ୍ଦୁଆ ବଜାର" ନିର୍ମାଣ କରାଯିବ।

ବିଶ୍ୱର କୋଣ ଅନୁକୋଣରେ ଥିବା ଭକ୍ତମାନଙ୍କୁ ଶ୍ରୀମନ୍ଦିର ସହ ଯୋଡ଼ିବା ପାଇଁ "ସମର୍ପଣ" ନାମକ ଏକ ସୁରକ୍ଷିତ ଡିଜିଟାଲ୍ ହୁଣ୍ଡି ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି। ଆମର ଶୌର୍ଯ୍ୟର ପ୍ରତୀକ ସାମରିକ କଳା 'ଛଉ' ର ପ୍ରସାର ଓ ସଂରକ୍ଷଣ ପାଇଁ ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରାଯାଉଛି।

ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ପଶ୍ଚିମ ଓଡ଼ିଶାର ପ୍ରଗତି ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କୁ ୫00 କୋଟି ଟଙ୍କା ଏବଂ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ପାଇଁ ୨00 କୋଟି ଲେଖାଏଁ ଟଙ୍କାର ପ୍ରସ୍ତାବ ରଖାଯାଇଛି। ସେହିଭଳି କେବିକେ ଜିଲ୍ଲାଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୨୫0 କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଧାୟକ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି ଅଧୀନରେ ୭୩୫କୋଟି ଏବଂ ନିର୍ବାଚନ ମଣ୍ଡଳୀ ଭିତ୍ତିକ ଆବଣ୍ଟନ ପାଇଁ ୧୪୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

ରାଜ୍ୟର ଋଣ ଭାର ପୋଷଣୀୟ ସ୍ଥିତିରେ ରହିଛି। ୨0୨୬ ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟର ସମୁଦାୟ ଋଣ ୧ ଲକ୍ଷ ୨୫ ହଜାର୯୫୧କୋଟି ଟଙ୍କା ରହିଛି। ୨0୨୫-୨୬ ଆର୍ଥିକ ବର୍ଷର ବଜେଟରେ ୪୬ ହଜାର ୪00 କୋଟି ଟଙ୍କା ଋଣ ପାଇଁ ପ୍ରାବଧାନ କରାଯାଇଥିଲା, ମାତ୍ର ଅର୍ଥର ସୁବିନିଯୋଗ ଦ୍ୱାରା ଏହି ଅବଧି ମଧ୍ୟରେ ଫେବୃଆରୀ ଶେଷ ସୁଦ୍ଧା ମାତ୍ର ୨୩ ହଜାର ୫ କୋଟି ଟଙ୍କା ଋଣ ଆହରଣ କରାଯାଇଛି ଏବଂ ୧୭ ହଜାର ୭୬୪କୋଟି ଟଙ୍କାର ଋଣ ପରିଶୋଧ କରାଯାଇଛି। ୨0୨୬ ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟର ଋଣ-ଜିଏସଡିପି ଅନୁପାତ ୧୨.୭ ପ୍ରତିଶତ ରହିଅଛି ଏବଂ ସୁଧ ଦେୟ -ରାଜସ୍ୱ ପ୍ରାପ୍ତି ଅନୁପାତ ୨.୨୮ ପ୍ରତିଶତରେ ସୀମିତ ରଖାଯାଇଛି। ରାଜସ୍ୱ ବଳକା ସ୍ଥିତି ବଜାୟ ରହିବା ସହ ସମସ୍ତ ଋଣ ଉନ୍ନୟନମୂଳକ ଓ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ ହେଉଛି। ରାଜ୍ୟର ମୁଣ୍ଡ ପିଛା ଋଣଭାର ୨୬ହଜାର୭୮୩ ଟଙ୍କା ରହିଛି। ଫେବୃଆରୀ ଶେଷ ସୁଦ୍ଧା ଖୋଲା ବଜାରରୁ ୧୧ ହଜାର କୋଟି ଟଙ୍କାର ଋଣ କରାଯାଇଛି। ଓଡ଼ିଶା ସରକାରଙ୍କ ବିକାଶ ମଡେଲ ହେଉଛି, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ'। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ୨0୨୬-୨୭ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବ୍ୟୟ ମଞ୍ଜୁରୀ ବିଧେୟକ ଗୃହର ଅନୁମୋଦନ ଲାଭ କରିଛି ଏବଂ ଏପ୍ରିଲ ପହିଲାରୁ ରାଜ୍ୟର ବିକାଶ ପାଇଁ ବଜେଟରେ ଧାର୍ଯ୍ୟ ଅର୍ଥ ଖର୍ଚ୍ଚ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ମଧ୍ୟପ୍ରାଚ୍ୟର ଯୁଦ୍ଧ ବିଭୀଷିକାର ପ୍ରଭାବ ଦେଶ ଓ ରାଜ୍ୟ ଉପରେ ପଡିଥିବାରୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ଦିଗେର ଅନେକ ପଦେକ୍ଷପ ଗ୍ରହଣ କରିଛନ୍ତି। ପ୍ରାୟ ସବୁଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ବଢିଥିବା ବେଳେ ଭାରତରେ ଏଥିରେ କିଛି ପରିବର୍ତ୍ତନ ହୋଇନାହିଁ। ରାଜ୍ୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସରେ କୌଣସି ସଙ୍କଟ ନାହିଁ। ଅଯଥାରେ ଭୟଭୀତ ନହେବା ଏବଂ ଗୁଜବରେ ବିଶ୍ୱାସ ନକରିବାକୁ ସେ ଅନୁରୋଧ କରିଛନ୍ତି। ଏହି ବିଷୟକୁ ନେଇ କେହି ଗୁଜବ କଲେ ସରକାର କଡା ପଦକ୍ଷେପ ନେବାକୁ ପଛାଇବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଚେତାଇ ଦେଇଛନ୍ତି।




# ଶକ୍ତି, ସାମର୍ଥ୍ୟ ଏବଂ ଏକତାର ଅନନ୍ୟ ପ୍ରଦର୍ଶନ ମହିଳା ମାରାଥନ

ଅନ୍ତର୍ଜାତୀୟ ମହିଳା ଦିବସ,୨୦୨୨ ଉପଲକ୍ଷେ ମହିଳାମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ନେତୃତ୍ୱକୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ଉତ୍ସବରେ ଏକ ମହିଳା ମାରାଥନ ଆୟୋଜିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କଳିଙ୍ଗ ଷ୍ଟାଡିୟମ ଠାରେ ଏହି ମାରାଥନ୍‌ର ଶୁଭାରମ୍ଭ କରିଥିଲେ । ସେଠାରେ ଉପସ୍ଥିତ ମହିଳା କ୍ରୀଡ଼ାବିତ୍ ଏବଂ ଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ମହିଳାମାନଙ୍କ ଶାରୀରିକ ସକ୍ଷମତା ହିଁ ସାମାଜିକ ପରିବର୍ତ୍ତନର ପ୍ରକୃତ କାଟାଲିଷ୍ଟ । ଆଜି ଏହି ଯୁବତୀମାନଙ୍କ ମଧ୍ୟରେ ଥିବା ଆତ୍ମବିଶ୍ୱାସ ଏବଂ ସଂକଳ୍ପ ଆମ ସାମୂହିକ ଭବିଷ୍ୟତର ଏକ ପ୍ରତିଛବି । ଯେତେବେଳେ ଜଣେ ମହିଳା ନିଜର ସ୍ୱାସ୍ଥ୍ୟ ଓ ଶାରୀରିକ ସୁସ୍ଥତାକୁ ପ୍ରାଥମିକତା ଦିଅନ୍ତି, ସେ ଏକ ମଜବୁତ ଏବଂ ସମାନତାଭିତ୍ତିକ ସମାଜ ପାଇଁ ମୂଳଦୁଆ ପକାନ୍ତି ।

ଏହି ମାରାଥନ୍ ପ୍ରତିଯୋଗିତାରେ ତିଗିରିଆ ଶାରୀରିକ ଶିକ୍ଷା




ମହାବିଦ୍ୟାଳୟ ଦୀପ୍ତିରାଣୀ ସାହୁ ଅସାଧାରଣ ଧୈର୍ଯ୍ୟ ଏବଂ ଗତିର ପ୍ରଦର୍ଶନ କରି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍ - (କିସ୍) ର ସୁନିତା ସାନ୍ତା ନିଜର ଦୃଢ଼ ମନୋବଳ ଏବଂ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ପାଇଛନ୍ତି । ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ' ର ମାମିନା ମୁର୍ମୁ ନିଜର ଚମତ୍କାର ପ୍ରଦର୍ଶନ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି ।

ମାର୍ଚ୍ଚ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବର ପ୍ରଥମ ଦିବସରେ ସମସ୍ତ ଜିଲ୍ଲାରେ ଗଣ-ଯୋଗ ଶିବିର, ଦ୍ୱିତୀୟ ଦିନରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ, ତୃତୀୟ ଦିନ ଅର୍ଥାତ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶତାଧିକ କ୍ରୀଡ଼ାବିତ୍ ଏବଂ ବିଭିନ୍ନ କାର୍ଯ୍ୟକ୍ଷେତ୍ରର ବିଶିଷ୍ଟ ମହିଳାମାନେ "ନାରୀର ପ୍ରଗତି, ଦେଶର ପ୍ରଗତି" ବାର୍ତ୍ତା ନେଇ ମାରାଥନ୍‌ରେ ଅଂଶଗ୍ରହଣ କରିଥିଲେ ।

# ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡରେ ପଖାଳ ପରବ



ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ବଢାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ପାନ୍ଥନିବାସ ଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ପଖାଳ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ ।

ପଖାଳ ପରବର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା । ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ । ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ ପ୍ରିୟ ବୋଲି ସେ କହିଥିଲେ ।। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ । ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ । ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ ।

ପଖାଳର ପ୍ରୋ- ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରି ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ । ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ । ଏହା




**ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ**

ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି । ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି । ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି । ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି ।

ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ । ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ ଯୋଡି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ସେ କହିଥିଲେ ।

ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର, ସମେତ ୧୫ ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆ ମାନଙ୍କ ସହ କଥା ହୋଇଥିଲେ । ଏହି ଅବସରରେ ବିଶ୍ୱସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍ (Chef) ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ।

ବିଶେଷକରି ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଖାଳ, ଅବହେଳିତ ସମ୍ପ୍ରଦାୟ (underprivileged community ) ର ୨୦୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ମାନଙ୍କୁ ବଣ୍ଟା ଯାଇଥିଲା ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାନ୍ଥନିବାସ ଠାରେ ସମସ୍ତ ଅତିଥି ମାନଙ୍କ ସହ ଓଡ଼ିଆ ଖାଦ୍ୟ ମେଳା ବୁଲି ଦେଖିଥିଲେ ଏବଂ ପ୍ରାୟ ୩୨୬ ପ୍ରକାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତିକୁ ଅନେକ ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କ ସହ ପଖାଳ ଖାଇଥିଲେ ।

# ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ

ଅନ୍ତର୍ଜାତୀୟ ମହିଳା ଦିବସର ପୂର୍ବ ଦିନ ମିଶନ ଶକ୍ତି ବିଭାଗ ପକ୍ଷରୁ କୋଣାର୍କ ଠାରେ "ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ" ଅନୁଷ୍ଠିତ ହୋଇଥିଲା। ମିଶନ ଶକ୍ତି ଇତିହାସରେ ପ୍ରଥମ କରି ୩୩୮ଟି ବ୍ଲକ୍ ସ୍ତରୀୟ ମହାସଂଘର ୬୬୬ ଜଣ ସଭାପତି ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇ କହିଥିଲେ, ମହିଳାମାନଙ୍କ ନେତୃତ୍ୱ ଓ ସହଭାଗିତା ବୃଦ୍ଧି ହେଲେ ରାଜ୍ୟର ଉନ୍ନତି ଆହୁରି ଦ୍ରୁତ ହେବ। ଏଥିସହିତ ଆଗାମୀ ଦିନରେ ଅଧିକରୁ ଅଧିକ ଲକ୍ଷପତି ଓ ମହା ଲକ୍ଷପତି ଦିଦି ସୃଷ୍ଟି ହୋଇ, ନୂତନ ଉଦ୍ୟୋଗ ଆରମ୍ଭ କରି ଆର୍ଥିକ ରୂପେ ସ୍ୱାବଲମ୍ବୀ ହେବେ। ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ କାର୍ଯ୍ୟକ୍ରମକୁ ସମ୍ବୋଧନ କରି କହିଥିଲେ, ମହିଳାମାନେ ହେଉଛନ୍ତି ଶକ୍ତି, ସହନଶୀଳତା ଏବଂ ସଫଳତାର ଏକ ପରିଚୟ। ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ସଫଳ ମଡେଲ ଭାବେ ସାରା ଦେଶରେ ପରିଚିତ। ଏସ୍.ଏଚ୍.ଜିରୁ ଏସ୍.ଏମ୍.ଇରେ ପରିଣତ କରିବା ପାଇଁ ଜାଭିୟର୍ସ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟର ଅଭିଜ୍ଞ ପ୍ରଶିକ୍ଷକ ମହିଳାମାନଙ୍କ ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ସୁଯୋଗ, ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହା ସହିତ ଆଗାମୀ ଦିନରେ ଅଧିକରୁ ଅଧିକ ଲକ୍ଷପତି ଓ ମହା ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ ନୂତନ ଉଦ୍ୟୋଗ ସୃଷ୍ଟି କରି ଆର୍ଥିକ ରୂପେ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ।




## ମହିଳା ସଶକ୍ତିକରଣର ସୁନାମି ଆସିଛି, ଓଡ଼ିଶା ପ୍ରଗତିପଥେ ଅଗ୍ରସର ହେଉଛି: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଆନ୍ତର୍ଜାତୀୟ ମହିଳା ଦିବସ ପୂର୍ବ ସନ୍ଧ୍ୟାରେ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଧର୍ମପତ୍ନୀ ତଥା ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ କମ୍ଭମପାଟି ଜୟଶ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ଡଃ ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସୱାଲ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲଙ୍କ ସମେତ ରାଜ୍ୟର ଅନେକ ବିଶିଷ୍ଟ ଅତିଥି ଏବଂ ସଫଳ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ତାଙ୍କର ଅଦ୍ୱିତୀୟ ନେତୃତ୍ୱ ଏବଂ ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଥିଲେ ଯେ ଆଜି ଓଡ଼ିଶାରେ ମହିଳା ସଶକ୍ତିକରଣର ସୁନାମି ଆସିଛି, ରାଜ୍ୟ ପ୍ରଗତିପଥେ ଅଗ୍ରସର ହେଉଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ଏତେ ସଂଖ୍ୟକ ସଫଳ ମହିଳାଙ୍କ ଉପସ୍ଥିତି ଏକ ବଳିଷ୍ଠ ପ୍ରମାଣ ଯେ, ଆଜିର ଓଡ଼ିଶାରେ ମହିଳାମାନେ ରାଜ୍ୟର ବିକାଶରେ କେବଳ ସହଭାଗୀ ନୁହନ୍ତି, ବରଂ ପରିବର୍ତ୍ତନର ନେତୃତ୍ୱ ନେଇ ରାଜ୍ୟର ବିକାଶ ଧାରାକୁ ଏକ ନୂତନ ରୂପ ଦେଉଛନ୍ତି।

# ହଜିଯାଇଥିବା ମଣିଷଙ୍କୁ ଠିକଣା ବତାଉଛି ଝାରସୁଗୁଡ଼ା ପ୍ରଶାସନର 'ସ୍ନେହ-ସେତୁ'





ଝାରସୁଗୁଡ଼ାର କୋଲାବିରା ଜାତୀୟ ରାଜପଥ (NH-5) ଭିଡ଼ ଭିତରେ କାହାର ନଜର ପଡ଼େନି ରାସ୍ତା କଡ଼ରେ ପଡ଼ି ରହିଥିବା ଏକ ଜରାଜୀର୍ଣ୍ଣ ଶରୀର ଉପରେ। ପେଶାରେ ଜଣେ ଡ୍ରାଇଭର ଭାବେ ସ୍ଥାନୀୟ ସ୍ପଞ୍ଜ ଆଇରନ କାରଖାନାରେ କାମ କରୁଥିବା ଗଙ୍ଗାଧର ପ୍ରତିଦିନ ଦେଖୁଥିଲେ ଜଣେ ବୃଦ୍ଧ କୋଲାବିରା ନିକଟରେ ଅଳିଆ ଆବର୍ଜନା ଓ ବୁଦା ମୂଳେ ଅତି ଅସହାୟ ଭାବେ ପଡ଼ି ରହିଛନ୍ତି। ଗଙ୍ଗାଧର ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଅଫିସିଆଲ୍ ଫେସବୁକ୍ ପେଜ୍‌ରେ 'ସ୍ନେହ-ସେତୁ' ଅଭିଯାନ ବିଷୟରେ ପଢ଼ିଥିଲେ। ସେ ବିଳମ୍ବ ନକରି ଜିଲ୍ଲାପାଳଙ୍କ ପେଜ୍‌ରେ ଏକ କମେଣ୍ଟ କରି ଏହି ବୃଦ୍ଧଙ୍କ ବିଷୟରେ ସୂଚନା ଦେଲେ। ତତକ୍ଷଣାତ୍ ପ୍ରଶାସନ ପକ୍ଷରୁ ଉତ୍ତର ଆସିଲା। ଜଣେ ଅଧିକାରୀଙ୍କ ନମ୍ବର ଦିଆଗଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋଲାବିରା ପୋଲିସ ଓ ସାମାଜିକ ସୁରକ୍ଷା ବିଭାଗ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କଲେ। ସେହି ବୃଦ୍ଧ ଜଣକ ହେଉଛନ୍ତି ୭୦ ବର୍ଷୀୟ ଲେଲିନ ସା। ତାଙ୍କୁ ପଞ୍ଚପଡ଼ା ସ୍ଥିତ ଜରାଶ୍ରମକୁ ଅଣାଗଲା। ଜରାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ସାହୁ କୁହନ୍ତି, "ଯେତେବେଳେ ସେ ପ୍ରଥମେ ଆସିଲେ, ସେ ବହୁତ ଡରି ଯାଇଥିଲେ। ବୋଧହୁଏ ମାନସିକ ଓ ଶାରୀରିକ ନିର୍ଯାତନା ତାଙ୍କୁ ଭୟଭୀତ କରିଥିଲା। ଆମେ ପ୍ରଥମେ, ସଫାସୁତୁରା କରି ନୂଆ ପୋଷାକ ପିନ୍ଧାଇଲୁ। ଆଜି ଏହି ଜରାଶ୍ରମରେ ଲେଲିନଙ୍କୁ ଉପଯୁକ୍ତ ଚିକିତ୍ସା ଓ କାଉନ୍ସେଲିଂ ଦିଆଯାଉଛି।

ଜିଲ୍ଲାପାଳଙ୍କ ନେତୃତ୍ୱରେ ଏହି ଅଭିଯାନର ମୂଳଦୁଆ ପଡ଼ିଥିଲା ଜଣେ ମରାଠୀ ବୃଦ୍ଧା ବିଜୟାବାଇ ଯାଦବଙ୍କୁ ନିଜ ପରିବାର ସହ ମିଶାଇବା ପରେ। ଜିଲ୍ଲାପାଳ ନିଜ ବ୍ୟକ୍ତିଗତ ପ୍ରୟାସରେ ତାଙ୍କ ପରିବାରକୁ ଖୋଜି ବାହାର କଲେ। ସେହିଦିନଠାରୁ 'ସ୍ନେହ-ସେତୁ' ହେଉଛି ସେହିମାନଙ୍କ ପାଇଁ ଏକ ବ୍ରିଜ୍ ବା ସେତୁ ସଦୃଶ, ଯେଉଁମାନେ ପରିବାରଠାରୁ ବିଚ୍ଛିନ୍ନ ହୋଇ ସମାଜର ମୂଳସ୍ରୋତରୁ ହଜିଯାଇଛନ୍ତି।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁନିଲ କୁମାର ନାଏକଙ୍କ କହିବା ଅନୁଯାୟୀ, "ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ମେଡିକାଲ ଟ୍ରିଟମେଣ୍ଟ ମିଳିଲା ପରେ ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବିଗତ ୩ ମାସ ମଧ୍ୟରେ ଏହି 'ସ୍ନେହ ସେତୁ' ଅଭିଯାନରେ ବର୍ତ୍ତମାନ ସୁଦ୍ଧା ୨୦ ଜଣ ସୁସ୍ଥ ହୋଇ ନିଜ ନିଜ ପରିଜନଙ୍କ ନିକଟକୁ ଫେରିଯାଇଛନ୍ତି। ଜିଲ୍ଲାରେ ଏମିତି ହଜିଯାଇଥିବା ମଣିଷମାନଙ୍କ ପାଇଁ ଆମେ ବିଭିନ୍ନ ଜରାଶ୍ରମ ଏବଂ ଏନଜିଓ ସହାୟତାରେ ସେମାନଙ୍କୁ ଥଇଥାନ କରୁଛୁ। ଅନେକ କେସ୍ ରାଜ୍ୟ ବାହାରର ହୋଇଥିବାରୁ ବିଭିନ୍ନ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ ପାଇଁ ଜିଲ୍ଲାପାଳ ନିଜେ ହସ୍ତକ୍ଷେପ କରୁଛନ୍ତି। ଆଗକୁ ମଧ ଆମର ଏହି ପ୍ରୟାସ ଜାରି ରହିବ।

ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ କୁହନ୍ତି, ପରିବାରଠାରୁ ବିଚ୍ଛିନ୍ନ ହୋଇଥିବା ଜଣେ ବ୍ୟକ୍ତି ଯେକୌଣସି ପରିସ୍ଥିତିରେ ଥାଉ କିମ୍ବା ମାନସିକ ଅସୁସ୍ଥତା ଦେଇ ଗତି କରୁଥାଉ, ତା'ର ପ୍ରକୃତ ପରିଚୟ କେଉଁଠି ନା କେଉଁଠି ତା' ଭିତରେ ହିଁ ଲୁଚି ରହିଥାଏ। ଟିକେ ଆନ୍ତରିକ ସମବେଦନା ଏବଂ ମାନବୀୟ ସ୍ପର୍ଶ ପାଇଲେ ସେ ପୁଣି ସୁସ୍ଥ ହୋଇ ସମାଜର ମୂଳସ୍ରୋତରେ ସାମିଲ ହୋଇପାରିବ। 'ସ୍ନେହ-ସେତୁ'ର ମୂଳ ଲକ୍ଷ୍ୟ ହେଉଛି କେବଳ ହଜିଲା ଲୋକଙ୍କୁ ଘରକୁ ପଠାଇବା ନୁହେଁ, ବରଂ ସେମାନଙ୍କ ହଜିଯାଇଥିବା ସମ୍ମାନ ଫେରାଇ ଆଣିବା। ସେଥିପାଇଁ ସରକାରୀ ଦାୟିତ୍ୱର ସୀମା ଡେଇଁ ଆମ ପ୍ରଶାସନ ବିହାର, ଛତିଶଗଡ଼, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ପରି ବିଭିନ୍ନ ରାଜ୍ୟକୁ ଯାଇ ମଣିଷକୁ ପରିବାର ସହ ଯୋଡ଼ିବାକୁ ଚେଷ୍ଟା କରୁଛି।








# ସୁଭଦ୍ରା: ସଶକ୍ତିକରଣର ଏକ ନୂତନ ଅଧ୍ୟାୟ

ଓଡ଼ିଶାର ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ସୁଭଦ୍ରା' ଯୋଜନା ଆଜି ଏକ ନୂତନ ଯୁଗର ସୂତ୍ରପାତ କରିଛି। ଏହା କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଓଡ଼ିଶାର ମହିଳା ସଶକ୍ତିକରଣ ମିଶନକୁ ଏକ ନୂତନ ଦିଗ ଦେଖାଉଥିବା ଏକ ଶକ୍ତିଶାଳୀ ମାଧ୍ୟମ। ଯେତେବେଳେ ମହିଳାଙ୍କୁ ଉପଯୁକ୍ତ ସୁଯୋଗ, ସମ୍ମାନ ଓ ସମର୍ଥନ ମିଳେ, ସେତେବେଳେ ସମଗ୍ର ସମାଜ ଦୁଇଗୁଣ ଶକ୍ତି ସହ ଆଗକୁ ବଢ଼ିଥାଏ। 'ସୁଭଦ୍ରା' ଆଜି ଓଡ଼ିଶାର ମହିଳା ମାନଙ୍କୁ ସେହି ଆତ୍ମବିଶ୍ୱାସ ଓ ସାମର୍ଥ୍ୟ ପ୍ରଦାନ କରୁଛି।

## ସଶକ୍ତିକରଣର ଏକ ବିଶାଳ ଅଭିଯାନ

ଅନ୍ତର୍ଜାତୀୟ ମହିଳା ଦିବସ (୮ ମାର୍ଚ୍ଚ ୨୦୨୬) ଅବସରରେ ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରିଛନ୍ତି। ଏହି ପର୍ଯ୍ୟାୟରେ ରାଜ୍ୟର ୧,୦୨,୧୨,୬୬୫ ଜଣ ମହିଳାଙ୍କ ବ୍ୟାଙ୍କ୍ଖାତାକୁ ସିଧାସଳଖ ₹୫,୧୦୬ କୋଟିରୁ ଅଧିକ ଅର୍ଥ ହସ୍ତାନ୍ତର କରାଯାଇଛି। ଏହି ଅବସରରେ କେବଳ ପୁରୀ ଜିଲ୍ଲାରୁ ୪.୨୦ ଲକ୍ଷରୁ ଅଧିକ ଭଉଣୀ ଉପକୃତ ହୋଇଛନ୍ତି। ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମାତ୍ର ଦେଢ଼ ବର୍ଷ ମଧ୍ୟରେ 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ମଧ୍ୟରେ ଏକ ଅପୂର୍ବ ଆତ୍ମବିଶ୍ୱାସ ଜାଗ୍ରତ କରିଛି। ଏହା ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ସହ ପରିବାର ଓ ସମାଜରେ ନିଷ୍ପତ୍ତି ନେବାର କ୍ଷମତାକୁ ପ୍ରଶସ୍ତ କରିଛି। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ମତରେ, ଏହି ଯୋଜନା ମହିଳାମାନଙ୍କୁ ଓଡ଼ିଶାର ବିକାଶ-ଯାତ୍ରାରେ 'ଅଗ୍ରଣୀ ସାରଥି' ଭାବେ ପ୍ରତିଷ୍ଠିତ କରିଛି।

## ଯୋଜନାର ସଫଳ ଯାତ୍ରା

ଏହି ଯୋଜନାର ୨୧ ରୁ ୬୦ ବର୍ଷ ବୟସର ଯୋଗ୍ୟ ମହିଳାମାନଙ୍କୁ ୫ ବର୍ଷ ମଧ୍ୟରେ ମୋଟ ₹୫୦,୦୦୦ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ₹୫,୦୦୦ ଲେଖାଏଁ ଦୁଇଟି କିସ୍ତିରେ ପ୍ରତିବର୍ଷ ସମୁଦାୟ ₹୧୦,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ପାଞ୍ଚ ବର୍ଷ ପାଇଁ ₹୫୫,୦୦୦ କୋଟିରୁ ଅଧିକ ବ୍ୟୟବରାଦ ରହିଛି। ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଚାରିଟି କିସ୍ତିରେ ୨୦ ହଜାର କୋଟିରୁ ଅଧିକ ପ୍ରଦାନ କରାଯାଇଛି। ଏପରିକି ଯୋଗ୍ୟ ମହିଳାମାନଙ୍କୁ ସାମିଲ କରିବା ପାଇଁ ସୁଭଦ୍ରା ପୋର୍ଟାଲ୍କୁ ୨୦୨୫-୨୬ ଆର୍ଥିକ ବର୍ଷରେ ପୁନଶ୍ଚ ଖୋଲାଯାଇ ଆହୁରି ୨ ଲକ୍ଷ ୧୦ ହଜାରରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡ଼ାଯାଇଛି। 'ସୁଭଦ୍ରା' ଯୋଜନାର ଅଭିଯାନ ଏକ ଐତିହାସିକ ପଦକ୍ଷେପ ଭାବେ ଆରମ୍ଭ ହୋଇଥିଲା। ୧୭ ସେପ୍ଟେମ୍ବର ୨୦୨୪ରେ ଭୁବନେଶ୍ୱରର ଜନତା ମୈଦାନଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ପ୍ରଥମ କିସ୍ତିର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ୨୫ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଥିଲା। ଏହି ସଫଳତା ଧାରାକୁ ଆହୁରି ବ୍ୟାପକ କରି, ୮ ମାର୍ଚ୍ଚ ୨୦୨୫ ରେ ରେଶମ ସହର ବ୍ରହ୍ମପୁରଠାରେ ଦ୍ୱିତୀୟ କିସ୍ତିର ଅର୍ଥ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଭବ୍ୟ କାର୍ଯ୍ୟକ୍ରମରେ ପ୍ରାୟ ୧କୋଟି ମହିଳାଙ୍କ ବ୍ୟାଙ୍କ୍ ଖାତାକୁ ସିଧାସଳଖ ପ୍ରାୟ ₹୫,୦୦୦ କୋଟିର ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରିଥିଲେ। ସେହିପରି, ପବିତ୍ର ରକ୍ଷାବନ୍ଧନ ଅବସରରେ (୯ ଅଗଷ୍ଟ ୨୦୨୫) କୋରାପୁଟ ଜିଲ୍ଲାର ଜୟପୁର ଠାରେ ତୃତୀୟ କିସ୍ତିର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ପ୍ରାୟ ୧କୋଟି ମହିଳାଙ୍କୁ ପ୍ରାୟ ₹୫,୦୦୦ କୋଟିର ସହାୟତା ରାଶି ପ୍ରଦାନ କରାଯାଇଥିଲା, ଯାହା ମହିଳାମାନଙ୍କୁ

ସାମାଜିକ ଓ ଆର୍ଥିକ ନିରାପତ୍ତା ପ୍ରଦାନ କରିବାରେ ସଫଳ ହୋଇଥିଲା। ଯେଉଁଠି ମହିଳା ଶିକ୍ଷିତ ଓ ସଶକ୍ତ ହୁଅନ୍ତି, ସେଠାରେ ସମ୍ପୂର୍ଣ୍ଣ ପରିବାର ଓ ସମାଜ ଆଲୋକିତ ହୁଏ।

### ସଫଳତାର ସ୍ୱର: ବଦଳୁଛି ଜୀବନଶୈଳୀ

ଆଇଆଇଏମ୍ ସମ୍ବଲପୁର ଦ୍ୱାରା କରାଯାଇଥିବା 'ସୁଭଦ୍ରା ସମୀକ୍ଷା ସର୍ଭେ'ର ନିଷ୍କର୍ଷ ଅନୁଯାୟୀ, ୨୫.୫୨% ହିତାଧିକାରୀ ପାଇଥିବା ଆର୍ଥିକ ସହାୟତାକୁ ବ୍ୟବସାୟ ଆରମ୍ଭ ପାଇଁ ବ୍ୟୟ କରିଛନ୍ତି। ସେହିପରି ୩୫.୭% ମହିଳା ଏହାକୁ ଘରୋଇ ଆବଶ୍ୟକତା ଏବଂ ୧୪.୧୫% ଋଣ ପରିଶୋଧ ଓ ସଞ୍ଚୟ ପାଇଁ ବ୍ୟବହାର କରିଛନ୍ତି। ଏହି ସୁଭଦ୍ରା ସମୀକ୍ଷା ସର୍ଭେରୁ ଜଣାଯାଇଛି, ଯୁବତୀମାନେ କୌଶଳ ଉନ୍ନତି ଓ ଦୀର୍ଘମିଆଦୀ ବିକାଶ ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି, ଯେତେବେଳେ ୩୧-୪୦ ବର୍ଷ ବୟସର ମହିଳାମାନଙ୍କ ମଧ୍ୟରେ ସର୍ବାଧିକ ଉଦ୍ୟମୀ କାର୍ଯ୍ୟକଳାପ ପରିଲକ୍ଷିତ ହେଉଛି। ବୟୋବୃଦ୍ଧ ହିତାଧିକାରୀ ମାନେ ପ୍ରାୟତଃ ଏହି ଅର୍ଥରାଶିକୁ ଋଣ ଶୋଧ ଓ ଦୈନିକ ଜୀବନଯାପନ ଆବଶ୍ୟକତା ପୂରଣ ପାଇଁ ବ୍ୟୟ କରୁଛନ୍ତି। ପ୍ରାୟ ୬୦% ହିତାଧିକାରୀ ନିଜ ଅର୍ଥ ପରିଚାଳନାରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିବା କହିଛନ୍ତି ଏବଂ ୨୦% ମହିଳା ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ବୃଦ୍ଧି ହୋଇଥିବା ଅନୁଭବ କରିଛନ୍ତି। ୬୩.୯% ହିତାଧିକାରୀ ନିଜ ବ୍ୟବସାୟ ଆରମ୍ଭ କିମ୍ବା ବିସ୍ତାର କରିବାକୁ ଦୃଢ଼ ଆକାଂକ୍ଷା ବ୍ୟକ୍ତ କରିଥିବାବେଳେ, ୨୦.୪% ଦୀର୍ଘମିଆଦୀ ସମ୍ପତ୍ତି ସୃଷ୍ଟିକୁ ଲକ୍ଷ୍ୟ କରୁଛନ୍ତି।ଏହି ଅନୁଧ୍ୟାନ ଅନୁସାରେ, ଏହି ଯୋଜନା ଗ୍ରାମାଞ୍ଚଳରେ ନୂଆ ନୂଆ 'ମହିଳା ଉଦ୍ୟୋଗୀ' ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

### ବିକାଶର ନୂତନ ଦିଗନ୍ତ

ସୁଭଦ୍ରା ଯୋଜନା ଆଜି ମହିଳାମାନଙ୍କ ମଧ୍ୟରେ ଅପୂର୍ବ ଆତ୍ମବିଶ୍ୱାସ ଭରିଛି। ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ଦିଗରେ ଓଡ଼ିଶାର ମହିଳାମାନେ ଏକ ଅଜେୟ ଶକ୍ତି ଭାବେ ଉଭା ହେଉଛନ୍ତି।

### ସୁଭଦ୍ରା: ପ୍ରଗତିର ଏକ ନଜରରେ

- ମୋଟ ହିତାଧିକାରୀ: ୧ କୋଟିରୁ ଊର୍ଦ୍ଧ୍ୱ
- କିସ୍ତି ପ୍ରଦାନ(ବର୍ତ୍ତମାନ ସୁଦ୍ଧା) - ୪ ଟି
- ସମୁଦାୟ ଅର୍ଥ ରାଶି(ବର୍ତ୍ତମାନ ସୁଦ୍ଧା) : ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ
- ବଜେଟ୍ ପ୍ରତିବଦ୍ଧତା: ୫ ବର୍ଷରେ ₹୫୫,୦୦୦ କୋଟିରୁ ଊର୍ଦ୍ଧ୍ୱ

## ସେମାନଙ୍କ ମତରେ ...



କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକର ସୁମିତ୍ରା ମୁଣ୍ଡା ତିନି ସଦସ୍ୟ ବିଶିଷ୍ଟ ଏକ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରରୁ ଆସିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ସେ ନିଜେ କିଛି ଆୟର ଉପାୟ ଖୋଜୁଥିଲେ। ସୁଭଦ୍ରା ଯୋଜନାର ଆର୍ଥିକ ସହାୟତା ପାଇ ସେ ନିଜ ଗାଁର ଛକ ନିକଟରେ ଏକ ଛୋଟ ଗ୍ରୋସରୀ ଦୋକାନ ଆରମ୍ଭ କରିଥିଲେ। ବର୍ତ୍ତମାନ ତାଙ୍କର ବ୍ୟବସାୟ ଭଲଭାବରେ ଚାଲୁଛି ଏବଂ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆସିଛି।

ସୁମିତ୍ରା କହିଛନ୍ତି ଯେ, ଆଗାମୀ ୫ ବର୍ଷରେ ସୁଭଦ୍ରା ଯୋଜନା ମାଧ୍ୟମରେ ମିଳିବା ୫୦,୦୦୦ ଟଙ୍କା ସହାୟତାକୁ ସେ ତାଙ୍କର ବ୍ୟବସାୟକୁ ଆହୁରି ବିସ୍ତାର କରିବାରେ ବ୍ୟବହାର କରିବେ। ସେ ସୁଭଦ୍ରା ଯୋଜନା ପାଇଁ ଓଡିଶା ସରକାରଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି।



ପୁରୀ ଜିଲ୍ଲାର କାକଟପୁର ବ୍ଲକର କୁଣ୍ଡେଇ ଗ୍ରାମର ଲବଙ୍ଗ ସାହୁଙ୍କ ପରିବାର ପୂର୍ବରୁ ଆର୍ଥିକ ସମସ୍ୟାରେ ବହୁତ ଅସୁବିଧାରେ ଥିଲେ। ସୁଭଦ୍ରା ଯୋଜନାର ଆର୍ଥିକ ସହାୟତା ପାଇ ସେ ବହୁତ ଖୁସି ହୋଇଛନ୍ତି ଏବଂ ଏହା ତାଙ୍କୁ ସ୍ୱୟଂନିର୍ଭର ହେବାର ଦିଗରେ ଆଗେଇ ନେଇଛି। ସୁଭଦ୍ରାର ପ୍ରଥମ କିସ୍ତି ଟଙ୍କାରେ ସେ ଏକ ଫୁଲ ଦୋକାନ ଆରମ୍ଭ କରିଥିଲେ। ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ କିସ୍ତିର ଟଙ୍କାରେ ଅଧିକ କଞ୍ଚା ସାମଗ୍ରୀ କିଣି ତାଙ୍କ ଦୋକାନକୁ ଆହୁରି ବଡ଼ କରିଛନ୍ତି। ଆଗାମୀ ସୁଭଦ୍ରା ସହାୟତାକୁ ମଧ୍ୟ ବିନିଯୋଗ କରି ତାଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରିବାକୁ ସେ ଆଶା କରୁଛନ୍ତି।

ଏହାଦ୍ୱାରା ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସୁଧାରିବା ସହ ପିଲାମାନଙ୍କ ପାଠପଢ଼ାରେ ମଧ୍ୟ ସାହାଯ୍ୟ ମିଳୁଛି। ସେ ଏହି ଯୋଜନା ପାଇଁ ଓଡ଼ିଶା ସରକାରଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜଣାଇ କହିଛନ୍ତି — "ମୁଁ ସୁଭଦ୍ରା, ମୁଁ ସ୍ୱୟଂସିଦ୍ଧା।"



ମୁଁ ପୂର୍ଣ୍ଣିମା ପ୍ରଧାନ, ପୁରୀ ଜିଲ୍ଲାର ଜଣେ ସୁଭଦ୍ରା ହିତାଧିକାରୀ। ମୁଁ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଥମକରି ସୁଭଦ୍ରାର ତୃତୀୟ କିସ୍ତି ପାଇଥିଲି, ଏଥର ଚତୁର୍ଥ କିସ୍ତି ପାଇବା ସହ ମୁଁ ବହୁତ ଖୁସି ଅଛି ଓ ଏଠି ସହାୟତାକୁ ନିଜ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରି ଆଗକୁ ବଢି ପାରୁଛି। ସୁଭଦ୍ରା ର ଚତୁର୍ଥ କିସ୍ତି କୁ ମୁଁ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବାରେ ବ୍ୟବହାର କରିବି।

ସୁଭଦ୍ରା ଆମକୁ ସ୍ୱାବଲମ୍ବୀ କରିବାର ଏକ ମାଧ୍ୟମ ସାଜିଛି, ଏଥିପାଇଁ ମୁଁ ଓଡିଶା ସରକାରଙ୍କୁ ଧନ୍ୟବାଦ ଜଣାଉଛି।

ସ୍ନେହାଞ୍ଜଳୀଙ୍କ ସଂକଳ୍ପ (ଖୋର୍ଦ୍ଧା)

ଖୋର୍ଦ୍ଧା ଜିଲ୍ଲାର ସ୍ନେହାଞ୍ଜଳୀ ସାହୁଙ୍କ ପାଇଁ ₹୫,୦୦୦ ଜମା ହେବାର ସୂଚନାଟି କେବଳ ଆର୍ଥିକ ସହାୟତା ନଥିଲା, ବରଂ ଥିଲା ଅଧୁରା ସ୍ୱପ୍ନ ସାକାରର ମାଧ୍ୟମ। ସେ ନିଜ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟ ଦଶଜଣ ସଦସ୍ୟାଙ୍କ ସହ ମିଶି ପୂର୍ବରୁ ପାଇଥିବା କିସ୍ତି ଅର୍ଥକୁ ଏକତ୍ର କରି ଗ୍ରାମର ଏକ ପରିତ୍ୟକ୍ତ ପୋଖରୀର ପୁନରୁଦ୍ଧାର କରିଛନ୍ତି। ଆଜି ସେହି ପୋଖରୀ ମାଛ ଚାଷ ନିମିତ୍ତ ବ୍ୟବହୃତ ହୋଇ ରୋଜଗାରର ନୂତନ ପନ୍ଥା ସାଜିଛି, ଯାହା ତାଙ୍କୁ ପରିବାର ପ୍ରତିପୋଷଣ ଓ ପିଲାଙ୍କୁ ଉନ୍ନତ ଶିକ୍ଷା ଦେବାରେ ସାହାଯ୍ୟ କରୁଛି।



# ବିଧାନସଭାରେ ଖର୍ଚ୍ଚ ଦାବି ଆଲୋଚନା

## ଗୃହ ବିଭାଗ ଖର୍ଚ୍ଚଦାବି

ପୁଲିସ ପ୍ରଶାସନର ପ୍ରଭାବଶାଳୀ ଓ ସକ୍ରିୟ ଭୂମିକା ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ବିଧାନସଭାରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ । ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ରେ କ୍ଷମତାକୁ ଆସିବା ମାଓ ସମସ୍ୟାର ମୁକାବିଲା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଦୁରଦୃଷ୍ଟିକୁ ମିଶନ୍ ଭାବେ କାର୍ଯ୍ୟକାରୀ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା । ଭାରତ ଏକ ମାଓ-ମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି । ଡବଲ-ଇଞ୍ଜିନ ସରକାର ଭାବେ ଓଡିଶା ବି ଏହି ଅଭିଯାନରେ ସାମିଲ ହୋଇଛି । ୨୦୨୫ରୁ ୨୦୨୬ ମାର୍ଚ୍ଚ ୨୪ ମଧ୍ୟରେ, ଓଡ଼ିଶା ପୁଲିସ ନିରନ୍ତର ଆକ୍ରମଣାତ୍ମକ ଅଭିଯାନ ମାଧ୍ୟମରେ ଦୁଇ ଜଣ କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସମେତ ୨୭ ଜଣ ଦୁର୍ଦ୍ଦାନ୍ତ ସିପିଆଇ (ମାଓବାଦୀ) କ୍ୟାଡରଙ୍କୁ ନିପାତ କରିବାରେ ଅଭୂତପୂର୍ବ ସଫଳତା ହାସଲ କରିଛି । ଏହି ସମୟ ମଧ୍ୟରେ ତିନିଜଣ ରାଜ୍ୟ କମିଟି ସଦସ୍ୟଙ୍କ ସମେତ ୭୭ ଜଣ ମାଓବାଦୀ ରାଜ୍ୟରେ ଆତ୍ମସମର୍ପଣ କରିଛନ୍ତି । କ୍ୟାଡର'ର ଶେଷ ମାଓବାଦୀ ଶୁକୁରୁ ମଧ୍ୟ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ ହୋଇଛନ୍ତି ।

ଗତ ଦେଢ଼ ବର୍ଷ ଭିତରେ ଅପରାଧୀଙ୍କୁ ଦଣ୍ଡ ବିଧାନର କିଛି ଦୃଷ୍ଟାନ୍ତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ଥାନାରେ ମାମଲା ରୁଜୁ ହେବାର ମାତ୍ର ୧୯ ଦିନ ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟା ସମାପ୍ତ ହୋଇ ଅପରାଧୀଙ୍କୁ ୬ ମାସର କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ସହରାଞ୍ଚଳ ପୁଲିସ ଜିଲ୍ଲା ଭୁବନେଶ୍ୱରର ଚନ୍ଦକା ଥାନାରେ ମାମଲା ରୁଜୁ ହେବାର ୩୭ ଦିନ ମଧ୍ୟରେ ତଦନ୍ତ ଓ ବିଚାର ସମାପ୍ତ ହୋଇ ଅଭିଯୁକ୍ତଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ଓ ଜୋରିମାନା ଦଣ୍ଡବିଧାନ ହୋଇଛି । ମୟୂରଭଞ୍ଜ ଜିଲ୍ଲାର ଜାମଦା ଥାନାରେ ମାମଲା ରୁଜୁ ହେବାର ୩୯ ଦିନ ମଧ୍ୟରେ ତଦନ୍ତ ଓ ବିଚାର ସମାପ୍ତ ହୋଇ ଅଭିଯୁକ୍ତଙ୍କୁ ୫ ବର୍ଷର କାରାଦଣ୍ଡ ଏବଂ ଜୋରିମାନା ଦଣ୍ଡାଦେଶ ମିଳିଛି । ସେହିଭଳି, କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ରେ ମାମଲା ରୁଜୁ ହେବାର ୪୦ ଦିନ ମଧ୍ୟରେ ଉଭୟ ତଦନ୍ତ ଓ ବିଚାର ସମାପ୍ତ ଏବଂ ଅଭିଯୁକ୍ତଙ୍କୁ ୧ ବର୍ଷର କାରାଦଣ୍ଡ ଓ ଜୋରିମାନା ଦଣ୍ଡାଦେଶ ମିଳିଛି । ନୂଆ ସରକାର ଶାସନକୁ ଆସିବାର ୧୮ ମାସ ଅର୍ଥାତ ୨୦୨୪ ଜୁଲାଇ ୧ରୁ ୨୦୨୫ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧରେ ମୋଟ ୪୮ ହଜାର ୭୮୯ ଟି ମାମଲା ପଞ୍ଜିକୃତ ହୋଇଛି । ଏହାର ପୂର୍ବ ୧୮ ମାସ ମଧ୍ୟରେ ୪୮ ହଜାର ୭୮୭ ଟି ମାମଲା ପଞ୍ଜିକୃତ ହୋଇଥିଲା । ଏଥିରୁ ସ୍ପଷ୍ଟ ଯେ, ପୂର୍ବବର୍ତ୍ତୀ ସମୟ ତୁଳନାରେ ମହିଳାଙ୍କ ବିରୁଦ୍ଧରେ ହୋଇଥିବା ଅପରାଧ ସାମଗ୍ରିକ ଭାବେ ପ୍ରାୟତଃ ସ୍ଥିର ରହିଛି ।

### କମିଛି:

ଦୁଷ୍କର୍ମ ମାମଲା ୩.୫% , ଅସଦାଚରଣ ମାମଲା ୨.୬%, ସର୍ବସାଧାରଣରେ ନିର୍ବସ୍ତ୍ର ମାମଲା ୨୬.୮%, ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲା ୭୩.୩%, ଯୌତୁକ ଜନିତ ହତ୍ୟା ୨୬.୧%, ଯୌତୁକ ନିର୍ଯାତନା ୮.୩% , ଅଣ-ଯୌତୁକ ନିର୍ଯାତନା ମାମଲା ୧.୬%, ହତ୍ୟା ମାମଲା ୭.୪%, ଡକାୟତି ମାମଲା ୧୨.୮%, ଲୁଣ୍ଠନ ୩୪.୪%, ଦଙ୍ଗା ମାମଲା ୨୫.୭%

ନିକଟରେ ଓଡ଼ିଶା ପୋଲିସ ପକ୍ଷରୁ ଅପରେସନ ଅନ୍ୱେଷଣ -୨ କରାଯାଇଥିଲା । ମାତ୍ର ୧୦ ଦିନ ମଧ୍ୟରେ ପରିବାର ଠାରୁ ବିଛିନ୍ନ ହୋଇଯାଇଥିବା ୫ ହଜାର ୪୫୧ ଜଣ ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

### ଅପରାଧୀଙ୍କ ସ୍ଥାନ ଜେଲରେ

ଅପରାଧୀଙ୍କୁ ଚେତାଇଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହିଂସା ଓ ନିର୍ଯାତନା ଘଟାଉଥିବା ଅପରାଧୀ ଏଣିକି ତ୍ରାହିମାମ୍ ଚିତ୍କାର କରିବେ ଏବଂ ସେମାନଙ୍କ ସ୍ଥାନ ସଭ୍ୟ ସମାଜ ନୁହେଁ, ଜେଲ୍ । ଏବେ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ସାଇବର ଅପରାଧ, ଅର୍ଥନୈତିକ ଠକେଇ ଓ ଯୌନ ନିର୍ଯ୍ୟାତନା । ସରକାର ଏହି ଆହ୍ୱାନକୁ ମୁକାବିଲା କାରିବା ପାଇଁ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ । ଏହାକୁ ମୁକାବିଲା କରିବା ପୋଲିସ ବାହିନୀକୁ କୃତ୍ରିମ ବୁଦ୍ଧିମତା ଏବଂ ଡାଟା ଆନାଲିଟିକ୍ସ ଭଳି ଆଧୁନିକ ଜ୍ଞାନ କୌଶଳରେ ଦକ୍ଷ କରିବା ପାଇଁ ସରକାର ପଦକ୍ଷେପ ନେଉଛି । ସାଇବର ଠକେଇରେ ସମ୍ପୃକ୍ତ ଥିବା ସମୁଦାୟ ୩୭୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

### ୮୦୦କୋଟି ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି

କେନ୍ଦ୍ର ଗୃହମନ୍ତ୍ରୀଙ୍କ 'ନିଶାମୁକ୍ତ ଭାରତ ଅଭିଯାନ' ଆହ୍ୱାନକୁ ସଫଳ କରିବା ଦିଗରେ ଓଡ଼ିଶା ପୁଲିସ ରାଜ୍ୟରୁ ନିଶା ମାଫିଆଙ୍କ ନେଟୱର୍କକୁ ଧ୍ୱଂସ କରିବାରେ ସଫଳତା ଲାଭ କରିଛି । ୨୦୨୫ ମସିହାରେ ରେକର୍ଡ ସଂଖ୍ୟକ ୨୯ ହଜାର ୪୯୩ ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୮୦୦ କୋଟି ଟଙ୍କାରୁ ଅଧିକ । ଏଥିସହିତ, ୧ ଲକ୍ଷ ୯୮ ହଜାର ୧୪ କେଜି ଗଞ୍ଜେଇ ଜବତ କରାଯାଇଛି, ଯାହାର ବଜାର ମୂଲ୍ୟ ଏକ ହଜାର କୋଟି ଟଙ୍କା ଆକଳନ କରାଯାଇଛି । ପୋଲିସର ଦୃଢ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗଜପତି, ରାୟଗଡା ଓ କୋରାପୁଟ ଭଳି ଜିଲ୍ଲାରେ ଗଞ୍ଜେଇ ଚାଷ ୫୦% ହ୍ରାସ ପାଇଛି ।

### ପୁଲିସ ରେ ୫ ହଜାର ୭୯୦ ଜଣଙ୍କୁ ନିଯୁକ୍ତି

ସରକାର ଶାସନକୁ ଆସିବା ପର ଠାରୁ ଅର୍ଥାତ୨୦୨୪ ଜୁଲାଇ ୭ରୁ ୨୦୨୬ ଜାନୁଆରୀ ୩୧ ମଧ୍ୟରେ ୧୭ ହଜାର ୭୯୪ଟି ବିଭିନ୍ନ ବର୍ଗର ପଦ ସୃଷ୍ଟି କରାଯାଇଛି । ପୁଲିସ ବାହିନୀକୁ ଅଧିକ ସୁଦୃଢ଼ କରିବା ପାଇଁ ଅଦ୍ୟାବଧି ସରକାର ୩ଟି OSSF ବାଟାଲିୟନ (ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ), ୩ଟି OISF ବାଟାଲିୟନ, ୧୦ଟି ନୂତନ ଓଡ୍ରାଫ୍ (ODRAF) ୟୁନିଟ୍, ଗୋଟିଏ ଟ୍ରାଫିକ ଏବଂ ସଡ଼କ ସୁରକ୍ଷା ୱିଙ୍ଗ୍, ଚଣ୍ଡିଖୋଲ ଠାରେ ଏକ ନୂତନ SDPO କାର୍ଯ୍ୟାଳୟ, ୨୦ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଏବଂ ଏକ ନୂତନ ପୁଲିସ ଜିଲ୍ଲା (ରାଇରଙ୍ଗପୁର ପୋଲିସ ଜିଲ୍ଲା) ସୃଷ୍ଟି କରିଛନ୍ତି ।

ସିଧାସଳଖ ନିଯୁକ୍ତି ଓ ପୁନଃ ଥଇଥାନ ଯୋଜନାରେ ସମୁଦାୟ ୫ ହଜାର ୭୯୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ।

### ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତ ବୃଦ୍ଧି

କେବଳ ମହିଳା ହିଂସା ନୁହେଁ, ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ ପରି ସାଂଘାତିକ ଅପରାଧୀଙ୍କ କ୍ଷେତ୍ରରେ ବି ଦଣ୍ଡବିଧାନ ହାରରେ ଆଖି ଦୃଶିଆ ଭାବେ ବୃଦ୍ଧି ପାଇଛି । ପୂର୍ବରୁ ଏହି ଦଣ୍ଡ ବିଧାନ ହାର ପ୍ରାୟ ୧୧ ପ୍ରତିଶତ ରହୁଥିଲା । ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ, ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଗୃହ ବିଭାଗ ପାଇଁ ଆଗତ ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ପ୍ରସ୍ତାବ ଗୃହୀତ ହୋଇଥିଲା ।

# ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ

## ଅଭିଯୋଗ ଶୁଣାଣି ୧୫ ହଜାର, ସମାଧାନ ୯୩%

## ଆଗାମୀ ଦିନରେ ରାଜ୍ୟ ମୁଖ୍ୟାଳୟ ବାହାରେ ଶୁଣାଣି: ମୁଖ୍ୟମନ୍ତ୍ରୀ

ଆଗାମୀ ଦିନରେ ରାଜ୍ୟ ମୁଖ୍ୟାଳୟ ବାହାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ନିୟମିତ ଭାବରେ ଆୟୋଜନ କରାଯିବ, ଯାହାଦ୍ୱାରା ଲୋକମାନେ ରାଜଧାନୀକୁ ନଆସି ନିଜ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନଙ୍କ ସହ ସିଧାସଳଖ କଥା ହେଇପାରିବେ ଏବଂ ନିଜର ଅଭିଯୋଗ ତଥା ସମସ୍ୟା ଜଣାଇପାରିବେ । ଆଗାମୀ ଦିନରେ କଳାହାଣ୍ଡି, ବାଲେଶ୍ୱର, ଅନୁଗୁଳ ଭଳି ବିଭିନ୍ନ ଜିଲ୍ଲାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ବିଧାନସଭାରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ଦେବାବେଳ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାର କ୍ଷମତାକୁ ଆସିଲା ପରେ ଅଦ୍ୟାବଧି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପ୍ରାୟ ୧୫ ହଜାର ଅଭିଯୋଗର ଶୁଣାଣି କରାଯାଇଛି ଏବଂ ପ୍ରାପ୍ତ ଅଭିଯୋଗ ଗୁଡ଼ିକରୁ ପ୍ରାୟତଃ ୯୩ ପ୍ରତିଶତ ଅଭିଯୋଗର ତ୍ୱରିତ ସମାଧାନ ହୋଇଯାଇଅଛି । ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୯୧୫ଟି ମାମଲାରେ ଗରିବ ଲୋକମାନଙ୍କର ଚିକିତ୍ସା ଓ ସଡ଼କ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ଅନୁକମ୍ପାମୂଳକ ସହାୟତା ଇତ୍ୟାଦି ବାବଦରେ ୨୬ କୋଟି ୩୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଅଛି ।

ଅଦ୍ୟାବଧି ମୋଟ ୨୬ ଗୋଟି ବିଭାଗରେ ନୂତନ ଭାବେ ନିଯୁକ୍ତି ପାଇଁ ମେନାନୀତ ହୋଇଥିବା ୩୯ ହଜାର ୫୦୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଅଛି । ତନ୍ମଧ୍ୟରୁ ଏହି ଆର୍ଥିକ ବର୍ଷ ୨୦୨୫-୨୬ରେ ମୋଟ ୨୧ ଟି ବିଭାଗରେ ୧୩ ହଜାର ୩୬୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଅଛି । ଅବଶିଷ୍ଟ ଖାଲିଥିବା ୯୨ ହଜାର ୫୭୩ ଗୋଟି ମୂଳ ପଦ ମଧ୍ୟରୁ ୩୭ ହଜାର ୬୪୧ ଗୋଟି ପଦରେ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିବା ନିମନ୍ତେ ସମ୍ପୃକ୍ତ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡିକୁ ନିର୍ଦ୍ଦେଶ ଦିଆଯାଇଅଛି । ଏହି କ୍ରମରେ, ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ଓଡ଼ିଶା ଲୋକସେବା ଆୟୋଗ ବିଭିନ୍ନ ବିଭାଗର ୬ ହଜାର ୮୭୪ ଟି ପଦ, ଓଡିଶା କର୍ମଚାରୀ ପ୍ରବରଣ ଆୟୋଗ ୩ ହଜାର ୬୪୭ ଟି ପଦ ଏବଂ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ୭ ହଜାର ୬୬୩ ଗୋଟି ପଦ ପୂରଣ କରିବା ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି । ବିଭିନ୍ନ ମୂଳ ପଦ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଅଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ରିୟାଶୀଳ, ସ୍ୱଚ୍ଛ, କାର୍ଯ୍ୟକୁଶଳ ଓ ନାଗରିକ–କେନ୍ଦ୍ରିକ ଶାସନ ଦ୍ୱାରା ବିକଶିତ ଓଡିଶା – ଭିଜନ-୨୦୩୬ ଓ ୨୦୪୭ ଲକ୍ଷ୍ୟ ସାଧନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ସରକାର "ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା" ନୀତିକୁ ନିରନ୍ତର ଅନୁସରଣ କରିଆସୁଛି ଏବଂ ଦୁର୍ନୀତି କାର୍ଯ୍ୟକଳାପ ଏବଂ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ, ୬୪୦ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ୩୭୬ଟି ମାମଲା ପଞ୍ଜୀକୃତ କରିଛି । ତନ୍ମଧ୍ୟରୁ, ୧୦୪ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଏବଂ ୭୮ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅନ୍ତର୍ଭୁକ୍ତ । ମୋଟ ୩୬୯ ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରେ ୭୫ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଏବଂ ୫୬ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅନ୍ତର୍ଭୁକ୍ତ ।

ସମ୍ପ୍ରତି, ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଦାବି କରିବା ଏବଂ ନେବା ଅଭିଯୋଗରେ ଭିଜିଲାନ୍ସ ଚଢାଉ ସମୟରେ, ଜଣେ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କଠାରୁ ୪.୨୮ କୋଟି ଟଙ୍କାର ନଗଦ ଅର୍ଥ ଜବତ କରାଯାଇଛି, ଯାହା ଓଡ଼ିଶା ଭିଜିଲାନ୍ସ ଇତିହାସରେ ସର୍ବାଧିକ । ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସରକାର କେବେ କ୍ଷମା କରିବେ ନାହିଁ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିମନ୍ତେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୭୭୩ କୋଟି ୯୯ ଲକ୍ଷ ୪୧ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହରେ ପାରିତ ହୋଇଛି ।



# ସ୍ୱାବଲମ୍ବୀ ହେଲେ କଳାହାଣ୍ଡି ଝିଅ କ୍ଷୀରାବ୍ଧି

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ନକଟିଗୁଡା ଗ୍ରାମ ପଞ୍ଚାୟତରେ ଜନ୍ମ ନେଇଥିବା ଭିନ୍ନକ୍ଷମ ଝିଅ କ୍ଷୀରାବ୍ଧି ମାଝୀ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଜୀବନର ପ୍ରତ୍ୟେକ ପଦକ୍ଷେପରେ ସଂଘର୍ଷକୁ ସାଥୀ କରି ଆଗକୁ ବଢୁଥିବା କ୍ଷୀରାବ୍ଧିଙ୍କ କାହାଣୀ ଅନେକଙ୍କୁ ନୂଆ ଆଶା ଓ ଆତ୍ମବିଶ୍ୱାସ ଦେଇଛି। ଦିବ୍ୟାଙ୍ଗ ହୋଇଥିବା ସତ୍ତ୍ୱେ କ୍ଷୀରାବ୍ଧିଙ୍କ ଦୃଢ ମନୋବଳ ଓ ଆତ୍ମବିଶ୍ୱାସ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

କ୍ଷୀରାବ୍ଧି ପିଲାବେଳୁ ପୋଲିଓ ରୋଗରେ ଆକ୍ରାନ୍ତ ହୋଇଥିଲେ। ଅନ୍ୟ ପିଲାମାନଙ୍କ ଭଳି ଦୌଡ଼ିବା, ଖେଳିବା କିମ୍ବା ସ୍ୱାଭାବିକ ଭାବେ ଚାଲିବା ତାଙ୍କ ପାଇଁ ସମ୍ଭବ ନଥିଲା। କିନ୍ତୁ ଏହି ଶାରୀରିକ ସମସ୍ୟା ତାଙ୍କ ମନର ସ୍ୱପ୍ନକୁ କେବେ ବାନ୍ଧି ରଖିପାରିଲା ନାହିଁ। ଗାଁର ସାଧାରଣ ପରିବାରରେ ଜନ୍ମ ନେଇଥିବା କ୍ଷୀରାବ୍ଧି ଛୋଟଦିନରୁ ଅନେକ କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତଥାପି ସେ ନିଜର ଶିକ୍ଷା ପ୍ରତି ଆଗ୍ରହ କେବେ ହରାଇନଥିଲେ।

ଶାରୀରିକ ଅସୁବିଧା ଥିଲେ ମଧ ସେ ପ୍ରତିଦିନ ସ୍କୁଲକୁ ଯିବା ପାଇଁ ଅନେକ କଷ୍ଟ ସହିଥିଲେ। କେବେ ପରିବାରର ଲୋକମାନେ ଏବଂ କେବେ ଗ୍ରାମବାସୀ ତାଙ୍କୁ ସହଯୋଗ କରୁଥିଲେ। ଶିକ୍ଷା ପ୍ରତି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ଆଗକୁ ଆଣିଥିଲା। ସେ ଜୁନାଗଡ଼ କନ୍ୟାଶ୍ରମରେ ରହି ନିଜର ପାଠପଢ଼ା ଜାରି ରଖିଥିଲେ। ସେଠାରେ ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ସଫଳତାର ସହିତ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହା ତାଙ୍କ ଜୀବନର ଏକ ବଡ଼ ମାଇଲଖୁଣ୍ଟ ଥିଲା। ଦଶମ ଶ୍ରେଣୀ ପାସ୍ କରିବା ପରେ ତାଙ୍କ ବାପା ଅକାଳରେ ପରଲୋକକୁ ଚାଲିଗଲେ। ପିତାଙ୍କୁ ହରାଇବା ପରେ କ୍ଷୀରାବ୍ଧିଙ୍କ ଜୀବନରେ ଅନେକ ସମସ୍ୟା ଆସିଥିଲା। ସେତେବେଳେ ତାଙ୍କ ଉପରେ ପରିବାରର ଦାୟିତ୍ୱ ମଧ ଥିଲା।

ସମସ୍ୟା ଓ ଅଭାବ ସତ୍ତ୍ୱେ କ୍ଷୀରାବ୍ଧି କେବେ ହାର ମାନି ନଥିଲେ। ସ୍ୱାବଲମ୍ବୀ ହେବା ପାଇଁ ଦୃଢ଼ ସଂକଳ୍ପ କରିଥିଲେ। ଏହି ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତାଙ୍କୁ ନୂଆ ବାଟ ଦେଖାଇଥିଲା। ବିଭାଗ ପକ୍ଷରୁ ସେ ଟେଲରିଂ ବା ସିଲାଇ କାମରେ ପ୍ରଶିକ୍ଷଣ ନେଇ ଏକ ଦକ୍ଷତା ପ୍ରମାଣପତ୍ର ହାସଲ କଲେ। ଏହା ତାଙ୍କୁ କେବଳ ଆତ୍ମନିର୍ଭରଶୀଳ କଲାନାହିଁ, ବରଂ ନିଜ ଗୋଡ଼ରେ ଛିଡ଼ା ହେବାର ଆତ୍ମବିଶ୍ୱାସ ଦେଲା।

ସେ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟ ମହିଳାଙ୍କୁ ମଧ ସଶକ୍ତ କରିବା ପାଇଁ ପଦକ୍ଷେପ ନେଲେ। ଧୀରେ ଧୀରେ ସେ ନିଜ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗଠନ କରିବା ଆରମ୍ଭ କଲେ। ଆଜି ପର୍ଯ୍ୟନ୍ତ ସେ ପ୍ରାୟ ୫୦ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିପାରିଛନ୍ତି। ଏହି ଗୋଷ୍ଠୀମାନଙ୍କ ମାଧ୍ୟମରେ ଅନେକ ମହିଳା ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି।

କ୍ଷୀରାବ୍ଧିଙ୍କ ଅଦମ୍ୟ ସାହସ ଓ ନିଃସ୍ୱାର୍ଥପର ସମାଜସେବା ପାଇଁ ସେ ବିଭିନ୍ନ ସମୟରେ ଅନେକ ପ୍ରତିଷ୍ଠିତ ସମ୍ମାନର ଅଧିକାରିଣୀ ହୋଇଛନ୍ତି। ୨୦୨୨ ମସିହା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ NAWO (ଓଡ଼ିଶା) ପକ୍ଷରୁ ତାଙ୍କୁ 'ଅନନ୍ୟା ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ତାଙ୍କୁ ଜଣେ ଦକ୍ଷ ନିର୍ବାଚିତ ପ୍ରତିନିଧି ଭାବେ 'ମହିଳା ଭିନ୍ନକ୍ଷମ ଲୋକପ୍ରତିନିଧିତ୍ୱ ସମ୍ମାନ'ରେ ସମ୍ମାନିତ କରିଛି। ସେହିପରି ୨୦୨୫ ମସିହାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭିନ୍ନକ୍ଷମ ମହିଳାଙ୍କ ପାଇଁ ଏକ 'ପ୍ରେରଣା' (DCRO ସମ୍ବର୍ଦ୍ଧନା) ଭାବେ ସ୍ୱୀକୃତି ମିଳିଛି। ଅନ୍ତର୍ଜାତୀୟ ସଂସ୍ଥା 'The Hunger Project' ତାଙ୍କର ସାମାଜିକ ଦକ୍ଷତା ପାଇଁ ତାଙ୍କୁ 'ମହିଳା ନେତୃତ୍ୱ କର୍ମଶାଳା ପୁରସ୍କାର'ରେ ପୁରସ୍କୃତ କରିଥିବା ବେଳେ SSEPD ବିଭାଗ ପକ୍ଷରୁ ତାଙ୍କର ସିଲାଇ କୌଶଳ ପାଇଁ ମିଳିଥିବା ବିଭାଗୀୟ ସ୍ୱୀକୃତି ତାଙ୍କ ସଫଳତାର ମୂଳଦୁଆକୁ ଆହୁରି ମଜଭୁତ କରିଛି।

କ୍ଷୀରାବ୍ଧିଙ୍କ ଲୋକପ୍ରିୟତା ଓ ସମାଜ ପ୍ରତି ତାଙ୍କ ଅବଦାନ ଦେଖି ଗ୍ରାମବାସୀ ତାଙ୍କୁ ନେତୃତ୍ୱ ଦେବାକୁ ଆଗକୁ ଆଣିଥିଲେ। ୨୦୨୨ ମସିହାର ପଞ୍ଚାୟତ ନିର୍ବାଚନରେ ସେ ନିଜ ଗ୍ରାମର ୪ ନମ୍ବର ୱାର୍ଡରୁ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ। ଗ୍ରାମବାସୀଙ୍କ ଭଲପାଇବା ଓ ଆଶୀର୍ବାଦରେ ସେ ନିର୍ଦ୍ୱନ୍ଦ୍ୱ ରେ ଜିତି ୱାର୍ଡ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହା ତାଙ୍କ ଜୀବନର ଆଉ ଏକ ବଡ଼ ସଫଳତା।

କ୍ଷୀରାବ୍ଧିଙ୍କ ଏହି ସଫଳତା ଯାତ୍ରାରେ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଏକ ମଜଭୁତ ସାହାରା ସାଜିଛି। ସେ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବା ସହ ମାସିକ ୩,୫୦୦ ଟଙ୍କାର ଭିନ୍ନକ୍ଷମ ଭତ୍ତା ସହାୟତା ପାଉଛନ୍ତି, ଯାହା ତାଙ୍କୁ ଆର୍ଥିକ ସମ୍ବଳ ଯୋଗାଇଛି। ଏହା ବ୍ୟତୀତ ରେସନ କାର୍ଡ, ଜବ୍ କାର୍ଡ ଏବଂ ସ୍ୱାସ୍ଥ୍ୟ କାର୍ଡ ଭଳି ସୁବିଧା ତାଙ୍କ ପରିବାରର ସାମାଜିକ ଓ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିଛି। ଗମନାଗମନ କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ଦୂର କରିବା ପାଇଁ ସରକାର ତାଙ୍କୁ ମୋଟର ଚାଳିତ ତିନି ଚକିଆ ସାଇକେଲ, ବସ୍ ପାସ୍ ଓ ଟ୍ରେନ ପାସ୍ ପ୍ରଦାନ କରିଛନ୍ତି, ଯାହାଦ୍ୱାରା ସେ ସହଜରେ ବିଭିନ୍ନ ସ୍ଥାନକୁ ଯାଇ ନିଜର ସମାଜସେବା ଜାରି ରଖିଛନ୍ତି। ବାସହୀନଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସେ ଏକ ପକ୍କା ଘର ପାଇଥିବା ବେଳେ, ସ୍ୱାବଲମ୍ବୀ ହୋଇ ଜୀବିକା ନିର୍ବାହ କରିବା ପାଇଁ ତାଙ୍କୁ ବ୍ୟାଟେରୀ ଚାଳିତ ସିଲାଇ ମେସିନ୍ ମଧ ଯୋଗାଇ ଦିଆଯାଇଛି, ଯାହା ତାଙ୍କୁ ଜଣେ ସଫଳ ଉଦ୍ୟୋଗୀ ଭାବେ ଗଢ଼ିତୋଳିବାରେ ସହାୟକ ହୋଇଛି।





## ସଫଳ ଉଦ୍ୟମୀ ମିନିତାଙ୍କ କାହାଣୀ

ଶ୍ରୀମତୀ ମିନିତା ବାଘ, ବରଗଡ଼ ଜିଲ୍ଲା ଧାଙ୍ଗେର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରୋହିଣିଆ, ମୁଣ୍ଡାପୋଡ଼ା ଗ୍ରାମର ବାସିନ୍ଦା । ଖୁବ୍ କମ ସମୟ ମଧ୍ୟରେ ଜଣେ ସଫଳ ଛତୁ ଚାଷୀ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କ ସ୍ୱାମୀ ଶ୍ରୀ ପଦ୍ମନାଭ ବାଘ,ଜଣେ ଅଟୋ-ରିକ୍ସା ଡ୍ରାଇଭର, ବରଗଡ଼ ସହରରେ ଅଟୋ-ରିକ୍ସା ଚାଳନା କରି ଯାହା ପଇସା ଉପାର୍ଜନ କରନ୍ତି, ସେତିକିରେ ପରିବାରର ଗୁଜୁରାଣ ମେଣ୍ଟେ । କେବଳ ଜଣଙ୍କର ଅନିୟମିତ ରୋଜଗାର ଯୋଗୁଁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିଲା ତାଙ୍କ ପରିବାର । ବେଳେ ବେଳେ ସ୍ଥାନୀୟ ବ୍ୟବସାୟୀ ଭୁବନେଶ୍ୱରରୁ ବରଗଡ଼ ବିକ୍ରି କରିବା ପାଇଁ ଅଣୁଥିବା ଛତୁ ନିଜ ଗାଡିରେ ବସଷ୍ଟାଣ୍ଡ ଠାରୁ ଦୈନିକ ବଜାର ପର୍ଯ୍ୟନ୍ତ ନେଇ ଛାଡ଼ନ୍ତି । ବେପାରୀଙ୍କ ଠାରୁ ଛତୁ ବେପାରର ଭଲ ଲାଭ ଏବଂ ବରଗଡ଼ ସହରର ଆଖପାଖ ଅଞ୍ଚଳରେ କୌଣସି ଛତୁ ଫାର୍ମ ନ ଥିବା କଥା ନିଜ ସ୍ୱାମୀଙ୍କ ଠାରୁ ଜାଣି ଛତୁ ଚାଷ କରିବା ପାଇଁ ମନ ବଳେଇଲେ ମିନିତା ।

ନିଜ ପରିବାରର ଆର୍ଥିକ ସ୍ଥିତି ସୁଧାରିବା ଆଶା ନେଇ ଶ୍ରୀମତୀ ବାଘ ଗତ ବର୍ଷ (୨୦୨୪-୨୫) ବରଗଡ଼ ଉଦ୍ୟାନ କୃଷି ବିଭାଗର ସହାୟତାରେ ନିଜ ଗ୍ରାମର ଜଣେ ଚାଷୀଙ୍କ ଠାରୁ ୨୦ ଡ଼େସିମିଲ ଜାଗା ଲିଜ୍/ଚୁକ୍ତି ଆକାରରେ ନେବା ସହ ଭାରତୀୟ ଷ୍ଟେଟ ବ୍ୟାଙ୍କ୍ ବରଗଡ଼ ଶାଖାରୁ ମୋଟ ୨୪ ଲକ୍ଷ ଟଙ୍କା ଋଣ ଗ୍ରହଣ କରିଥିଲେ । ଏଥିପାଇଁ ଏବର୍ଷ (୨୦୨୫-୨୬) ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ଅଧୀନରେ ସେ ସ୍ଥାୟୀ ସମ୍ପତ୍ତି ନିର୍ମାଣ ବାବଦକୁ ମୋଟ ୧୦ ଲକ୍ଷ ଟଙ୍କାର ସବସିଡି ପାଇବାକୁ ଯୋଗ୍ୟ ହୋଇଛନ୍ତି ।

ଋଣ ଟଙ୍କା ମିଳିବା ପରେ ମିନିତା ଲିଜ୍ ନେଇଥିବା ଜାଗାରେ ୨୫ × ୧୫ ଫୁଟ x ୩.୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଟାଙ୍କି ଏବଂ ୧୦୨ ଫୁଟ ଲମ୍ବ ଓ ୫୦ ଫୁଟ ଚଉଡ଼ା ତଥା ୬୦୦୦ ଛତୁ ବେଡ୍ କ୍ଷମତା ବିଶିଷ୍ଟ ଏକ ଛତୁ ଚାଷ ୟୁନିଟ/ସେଡ୍ ନିର୍ମାଣ କଲେ । ସ୍ୱାମୀଙ୍କ ସହଯୋଗରେ ସେ ପ୍ରତିଦିନ ହାରାହାରି ୨୦ ରୁ ୩୦ ଛତୁ ବେଡ୍ ପ୍ରସ୍ତୁତ କରନ୍ତି ଏବଂ ଦୈନିକ ୨୦୦ କେଜିରୁ ଅଧିକ ଛତୁ ଉତ୍ପାଦନ କରି ବରଗଡ଼ ସ୍ଥାନୀୟ ବଜାରରେ କିଲୋ ପ୍ରତି ୨୫୦ ରୁ ୩୦୦ ଟଙ୍କାରେ ନିଜେ ବିକ୍ରି କରନ୍ତି । ଯେଉଁଥିରେ ବେଡ୍ ପ୍ରତି ୭୫ ରୁ ୧୦୦ ଟଙ୍କା ଆନୁମାନିକ ଖର୍ଚ୍ଚ ହେଉଥିବା ବେଳେ ୨୫୦ ରୁ ୩୦୦ ଟଙ୍କା ଆୟ ହୋଇଥାଏ । ଗତ ବର୍ଷ, ଏଭଳି ମାସକୁ ୧୨ ରୁ ୧୪ ଦିନ ପ୍ରାୟ ୮ ମାସ ପର୍ଯ୍ୟନ୍ତ ଛତୁ ଚାଷ କରି ମାସିକ ୨ ଲକ୍ଷରୁ ଅଧିକ ଟଙ୍କା ଆୟ କରିବା ସହ ଦୁଇଜଣ ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତି ଦେଇଛନ୍ତି ମିନିତା । ଏ ବର୍ଷ, ମାସିକ ୭୫୦ରୁ ଅଧିକ ବେଡ୍ ପ୍ରସ୍ତୁତ କରିବା ସହ ଛତୁ ଉତ୍ପାଦନ କରି ମାସିକ ୮ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଆୟ କରିବାକୁ ଲକ୍ଷ୍ୟ ରଖିଛନ୍ତି ମିନିତା ଏବଂ ତାଙ୍କ ସ୍ୱାମୀ ।

ମିନିତା ଏବେ କାହାରି ଉପରେ ନିର୍ଭରଶୀଳ ନୁହଁନ୍ତି, ବରଂ ପରିବାରର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ । କେବଳ ଲାଭାନ୍ୱିତ କୃଷି ଉଦ୍ୟମୀ ନୁହଁନ୍ତି - ନେତୃତ୍ୱ, ପ୍ରେରଣା ଓ ଗ୍ରାମୀଣ ମହିଳା ସଶକ୍ତିକରଣର ଏକ ପ୍ରତୀକ । ତାଙ୍କର ଏହି ଜୟଯାତ୍ରା କେବଳ ଛତୁ ଚାଷ ପାଇଁ ଉତ୍ସାହିତ କରିଛି ତାହା ନୁହେଁ, ସଂଘର୍ଷ ମଧ୍ୟରେ ନିଜର ଗରିମା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଅନେକ ଅନେକ ମହିଳାଙ୍କୁ ପ୍ରେରିତ କରିପାରିଛି ।

## ଛତୁ ଚାଷ କରି ସ୍ୱାବଲମ୍ବୀ

ଗ୍ରାମାଞ୍ଚଳର ମହିଳାମାନେ ଆଜି କୃଷି ଓ ସଂପୃକ୍ତ କ୍ଷେତ୍ରରେ ନିଜ ପରିଶ୍ରମ ଓ ସଙ୍କଳ୍ପରେ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି । ଏହିପରି ଜଣେ ପ୍ରେରଣାଦାୟୀ ମହିଳା ଚାଷୀ ହେଲେ ଶ୍ରୀମତୀ ସସ୍ମିତା ରଥ , ଯିଏ ଛତୁ ଚାଷ ମାଧ୍ୟମରେ ନିଜ ପରିବାରର ଆର୍ଥିକ ଅବସ୍ଥା ସୁଧାରିବା ସହିତ ଗ୍ରାମର ଅନ୍ୟ ମହିଳାଙ୍କ ପାଇଁ ମଧ୍ୟ ପ୍ରେରଣା ସାଜିଛନ୍ତି ।

ଶ୍ରୀମତୀ ସସ୍ମିତା ରଥ ଛୋଟ ଜାଗାରେ ଛତୁଚାଷ ଆରମ୍ଭ କରିଥିଲେ । ଉଦ୍ୟାନକୃଷି ବିଭାଗର ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ପାଇ ସେ ବୈଜ୍ଞାନିକ ପଦ୍ଧତିରେ ଛତୁଚାଷ ପ୍ରଣାଳୀକୁ ଅନୁସରଣ କଲେ । ଆରମ୍ଭରେ କେବଳ କିଛି ବେଡ୍ ସହିତ ଚାଷ କରି ସେ, ନିଜ ଅଭିଜ୍ଞତା ଓ ପରିଶ୍ରମ ଦ୍ୱାରା ଧୀରେ ଧୀରେ ଉତ୍ପାଦନ ବଢ଼ାଇଲେ ।





ପାଳଛତୁ ଚାଷର ଏକ ବିଶେଷତା ହେଉଛି ଏହା କମ୍ ସ୍ଥାନ ଓ କମ୍ ଖର୍ଚ୍ଚରେ କରାଯାଇପାରେ । ଉନ୍ନତ ଛତୁମଞ୍ଜି ଆଖପାଖ ଅଞ୍ଚଳରେ ନ ମିଳିବାରୁ ନିଜେ ମଧ୍ୟ ଛୋଟ ମଞ୍ଜି ଉତ୍ପାଦନ କେନ୍ଦ୍ର ଟିଏ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସେ ପ୍ରତିଷ୍ଠା କରିଛନ୍ତି । ପ୍ରତ୍ୟେକ ଚକ୍ରରେ ସେ ଉଚ୍ଚ ଗୁଣସ୍ତରର ତାଜା ଛତୁ ଉତ୍ପାଦନ କରି ନିକଟସ୍ଥ ବଜାରେର ଗ୍ରାହକଙ୍କୁ ବିକ୍ରୟ କରୁଛନ୍ତି ।

ସମୟ କ୍ରମେ ତାଙ୍କର ଛତୁ ଚାଷ ଏକ ସ୍ଥାୟୀ ଆୟର ଉତ୍ସ ହୋଇଉଠିଛି । ସେ ପ୍ରତିବର୍ଷ ଭଲ ଆୟ କରିବା ସହ ନିଜ ପରିବାରର ଆର୍ଥିକ ସ୍ଥିତିକୁ ମଜଭୁତ କରିଛନ୍ତି । ଏହା ସହିତ ସେ ଗ୍ରାମର ଅନ୍ୟ ମହିଳାମାନଙ୍କୁ ମଧ୍ୟ ଛତୁ ଚାଷ ପାଇଁ ପ୍ରେରିତ କରୁଛନ୍ତି ଓ ନିଜ ଅନୁଭବ ସେମାନଙ୍କ ସହ ବାଣ୍ଟୁଛନ୍ତି ।

ଆଜି ଶ୍ରୀମତୀ ସସ୍ମିତା ରଥଙ୍କ ସଫଳତା ପ୍ରମାଣ କରୁଛି ଯେ ସଠିକ୍ ପ୍ରଶିକ୍ଷଣ, ପରିଶ୍ରମ ଓ ଆତ୍ମବିଶ୍ୱାସ ଥିଲେ ଛୋଟ ଉଦ୍ୟମ ମଧ୍ୟ ବଡ଼ ସଫଳତା ଆଣିପାରେ । ପାଳଛତୁ ଚାଷ ଆଜି ଗ୍ରାମୀଣ ମହିଳାମାନଙ୍କ ପାଇଁ ଆତ୍ମନିର୍ଭରତାର ଏକ ସହଜ ଓ ଲାଭଜନକ ମାର୍ଗ ହୋଇପାରିଛି ।

# ଓଡ଼ିଶାର ଆଦିବାସୀ ଭାଷାକୁ ଏଆଇ ପାୱାର୍

# ଆଦି ବାଣୀ




ଭାରତର ଭାଷାଗତ ବିବିଧତାକୁ ସଂରକ୍ଷଣ କରିବା ଏବଂ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଏକ କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ଆଦିବାସୀ ଭାଷା ଅନୁବାଦ ପ୍ଲାଟଫର୍ମ "ଆଦି ବାଣୀ" ଆରମ୍ଭ କରିଛି । ଆଦିବାସୀ ଭାଷାକୁ ଲୋକପ୍ରିୟ କରିବା, ବିଲୁପ୍ତପ୍ରାୟ ଭାଷାର ସଂରକ୍ଷଣ କରିବା ଏବଂ ଆଦିବାସୀଙ୍କୁ ମୁଖ୍ୟସ୍ରୋତ ସହ ଯୋଡ଼ିବା ଏହାର ପ୍ରମୁଖ ଲକ୍ଷ୍ୟ । ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସେମାନଙ୍କର ମାତୃଭାଷାରେ ଶିକ୍ଷାଦାନ, ଶାସନ ଏବଂ ଡିଜିଟାଲ୍ ସୁବିଧା ଯେପରି ପାଇପାରିବେ ତାହା ଏହି "ଆଦି ବାଣୀ" ପ୍ଲାଟଫର୍ମ ନିଶ୍ଚିତ କରିବ ।

"ଆଦି ବାଣୀ" ଆଦିବାସୀ ଭାଷା ପାଇଁ ସମର୍ପିତ ଭାରତର ପ୍ରଥମ ଏଆଇ-ଆଧାରିତ ଅନୁବାଦକ ପ୍ଲାଟଫର୍ମ । ଏହି ପ୍ଲାଟଫର୍ମ ବର୍ତ୍ତମାନ ଏକ ୱେବ୍ ପୋର୍ଟାଲ୍ ( https://adivani.tribal.gov.in ) ମାଧ୍ୟମରେ ଉପଲବ୍ଧ । ଏହାର ବିଟା ଭର୍ସନ ଆଣ୍ଡ୍ରଏଡ୍‌ରେ ଉପଲବ୍ଧ ଥିବା ବେଳେ iOS ପ୍ଲାଟଫର୍ମରେ ଖୁବ୍ ଶୀଘ୍ର ଉପଲବ୍ଧ ହେବ । ସାମୁହିକ ପ୍ରୟାସ ମାଧ୍ୟମରେ ଉନ୍ନତ ଏଆଇ ପ୍ରଯୁକ୍ତିବିଦ୍ୟାକୁ ମିଶ୍ରଣ କରି ଏହି ପ୍ଲାଟଫର୍ମ ଆଦିବାସୀ ଭାଷା ଏବଂ ସାଂସ୍କୃତିକ ଜ୍ଞାନକୁ ସୁରକ୍ଷା ଏବଂ ପୁନର୍ଜୀବିତ କରିବାକୁ ଚେଷ୍ଟା କରିବ ।

"ଆଦି ବାଣୀ" ପ୍ରକଳ୍ପରେ ଓଡ଼ିଶା ଏକ ପ୍ରମୁଖ ଅଂଶୀଦାର ଭାବେ ନିରନ୍ତର କାର୍ଯ୍ୟ କରୁଛି । ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ଭାରତର ସର୍ବପୁରାତନ ଗବେଷଣା ପ୍ରତିଷ୍ଠାନ ହେଉଛି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସସିଏସଟିଆରଟିଆଇ) । ଏହା ମାଧ୍ୟମରେ ଓଡ଼ିଶା ସରକାର ଦୁଇଟି ପୁରାତନ ଆଦିବାସୀ ଭାଷା ଯଥା- ସାନ୍ତାଳୀ ଏବଂ କୁଇ ଭାଷାକୁ ଅନୁବାଦ ଓ ଡିଜିଟାଇଜେସନ୍ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ସାନ୍ତାଳୀ ଭାଷାରେ ଅନୁବାଦ ଓ ଡିଜିଟାଇଜେସନ୍ କାମ ସରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ କୁଇ ଭାଷାର କାମ ଜାରି ରହିଛି ।

ଆଇଆଇଆଇଟି, ହାଇଦ୍ରାବାଦର ବୈଷୟିକ ସହାୟତାରେ "ଆଦି ବାଣୀ" ଆପ୍ଲିକେସନରେ ସାନ୍ତାଳୀ ଭାଷା ମଡ୍ୟୁଲ୍ ଲଞ୍ଚ୍ କରାଯାଇଛି । ଏଆଇ-ଅନୁବାଦ ମଡେଲ୍ ବିକାଶ ପାଇଁ ଓଡ଼ିଶା ବ୍ୟାପକ ଭାଷା ଡାଟାସେଟ୍ ପ୍ରସ୍ତୁତ କରିଛି । ରାଜ୍ୟର ଆଦିବାସୀ ଗବେଷଣା ପ୍ରତିଷ୍ଠାନ ଇଂରାଜୀ ଏବଂ ହିନ୍ଦୀରୁ ସାନ୍ତାଳୀରେ ଅନୁବାଦିତ ୨.୫ ଲକ୍ଷରୁ ଅଧିକ Text-to-Text ଅନୁବାଦ ସଂଗ୍ରହ ଦାଖଲ କରିଛି । ଏହାସହିତ ଏଆଇ ଆଧାରିତ ଭାଷା ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଉଭୟ ପୁରୁଷ ଏବଂ ମହିଳା ସ୍ୱରରେ ୧୦ ହଜାର Text-to-speech ରେକର୍ଡିଂକୁ ମଧ୍ୟ ଏଥିରେ ସଂଯୋଗ କରାଯାଇଛି । ଭାଷା ଡାଟାବେସ୍‌କୁ ଆହୁରି ସୁଦୃଢ଼ କରିବା ପାଇଁ ଦ୍ୱିଭାଷୀ ଏବଂ ତ୍ରିଭାଷୀ ଅଭିଧାନ, ସାନ୍ତାଳୀ ସାହିତ୍ୟ, ଲୋକକଥା ସଂଗ୍ରହ ଏବଂ ପତ୍ରିକା ମଧ୍ୟ ଏହି ଆପ୍ଲିକେସନ୍ ରେ ସଂଯୋଗ କରାଯାଇଛି ।

"ଆଦି ବାଣୀ" ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ମୁଖ୍ୟତଃ କନ୍ଧ ଆଦିବାସୀ ସମ୍ପ୍ରଦାୟଙ୍କ କଥିତ ଭାଷା-କୁଇ ଉପରେ କାମ ଆରମ୍ଭ କରିଛି । ଏପର୍ଯ୍ୟନ୍ତ ୫୭,୦୦୦ ରୁ ଅଧିକ ଇଂରାଜୀ ଏବଂ ହିନ୍ଦୀ ବାକ୍ୟକୁ କୁଇରେ ଅନୁବାଦ କରାଯାଇଛି ଏବଂ ଆଇଆଇଟି, ଦିଲ୍ଲୀକୁ ଏଆଇ-ମଡେଲ୍ ସହ ସମନ୍ୱୟ କରିବା ନିମନ୍ତେ ପ୍ରଦାନ କରାଯାଇଛି । "ଆଦି ବାଣୀ" ବିଭିନ୍ନ ଉନ୍ନତ ବୈଶିଷ୍ଟ୍ୟ ପ୍ରଦାନ କରୁଛି, ଯେପରିକି Text-to-text, speech-to-text, speech-to-speech, ଦ୍ୱିଭାଷୀ ଅଭିଧାନ, ଏବଂ OCR ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପାଣ୍ଡୁଲିପିର ଡିଜିଟାଇଜେସନ୍ । ଏହି ପ୍ଲାଟଫର୍ମ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ, ସ୍ୱାସ୍ଥ୍ୟ ପରାମର୍ଶ ଏବଂ ଆଦିବାସୀ ଭାଷାରେ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରୁଛି । କେବଳ ସାନ୍ତାଳ ଭାଷା ନୁହେଁ; ବରଂ ମଧ୍ୟପ୍ରଦେଶର ଭିଲି ଭାଷା, ଝାଡଖଣ୍ଡର ମୁଣ୍ଡାରୀ, ଛତିଶଗଡର ଗୋଣ୍ଡି ଭାଷାକୁ ଏଥିରେ ସଂଯୋଗ କରାଯାଇଛି ଏବଂ ଆଗାମୀ ଦିନରେ ମେଘାଳୟର ଗାରୋ ଭାଷାକୁ ସଂଯୁକ୍ତ କରାଯିବ ।

# ଗ୍ରାମୋଦୟ ଅଭିଯାନ

ଓଡ଼ିଶାର ଦୁର୍ଗମ ତଥା ମାଓ ପ୍ରଭାବିତ ଅଞ୍ଚଳର ଯୁବପିଢ଼ିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଗ୍ରାମୋଦୟ' ଅଭିଯାନ ମାଧ୍ୟମରେ ୧୦ଟି ଜିଲ୍ଲାର ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯିବ ।

ଏହି ଯୋଜନା ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ମୋଟ ୨,୪୨,୫୦,୦୦୦ ଟଙ୍କା (୨ କୋଟି ୪୨ ଲକ୍ଷ ୫୦ ହଜାର) ମଞ୍ଜୁର କରାଯାଇଛି । ପ୍ରତ୍ୟେକ ଚିହ୍ନିତ ଗ୍ରାମକୁ ୫୦,୦୦୦ ଟଙ୍କା ମୂଲ୍ୟର କ୍ରୀଡ଼ା କିଟ୍ ପ୍ରଦାନ କରାଯିବ । ବରଗଡ଼, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାର ଯୁବକଯୁବତୀ ଏହାଦ୍ୱାରା ଉପକୃତ ହେବେ ।

ପ୍ରତି ଗ୍ରାମକୁ ଦିଆଯିବାକୁ ଥିବା ଷ୍ଟାଣ୍ଡାର୍ଡ କ୍ରୀଡ଼ା କିଟ୍‌ରେ କ୍ରିକେଟ୍, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ୍ ସମେତ ଚେସ୍ ଏବଂ କ୍ୟାରମ୍ ଭଳି ଇନଡୋର୍ ଗେମ୍‌ର ସମସ୍ତ ଆବଶ୍ୟକ ସାମଗ୍ରୀ ରହିବ । ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଉଛି, କ୍ରୀଡ଼ା ସାମଗ୍ରୀ କିଣିବା ଦାୟିତ୍ୱ ସ୍ଥାନୀୟ ଯୁବ କ୍ଲବମାନଙ୍କୁ ଦିଆଯିବ । ଯେଉଁ ଗ୍ରାମରେ କ୍ଲବ ନାହିଁ, ସେଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହାୟତାରେ ନୂତନ କ୍ଲବ ଗଠନ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଯୋଡ଼ାଯିବ ।

'ଗ୍ରାମୋଦୟ' କେବଳ ଏକ ବିତରଣ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାଓ ପ୍ରଭାବିତ ଅଞ୍ଚଳରେ ଶାନ୍ତି, ପ୍ରଗତି ଏବଂ ସାମାଜିକ ସଂହତିର ଏକ ବାର୍ତ୍ତା । କ୍ରୀଡ଼ା ମାଧ୍ୟମରେ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ଏକ ସୁସ୍ଥ ତଥା ଅନୁଶାସିତ ଜୀବନଶୈଳୀ ପ୍ରଦାନ କରିବା ଓଡ଼ିଶା ସରକାରଙ୍କ ମୂଳ ଲକ୍ଷ୍ୟ ।

# ସୂର୍ଯ୍ୟମୁଖୀ ଚାଷ କରି ସଫଳ ହେଲେ ପ୍ରସନ୍ନ

ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଳକ ଅନ୍ତର୍ଗତ ସିଜୋ ଗ୍ରାମ ପଞ୍ଚାୟତ ଚନ୍ଦ୍ରଶେଖରପୁର ଗାଁର ପ୍ରସନ୍ନ ପ୍ରଧାନ ଆଜି ଜଣେ ସଫଳ ଚାଷୀ ଭାବେ ନିଜକୁ ପ୍ରମାଣିତ କରିପାରିଛନ୍ତି। ନିଜ ପୈତୃକ ସମ୍ପତି ୩ ଏକର ଜମିରେ ବିଗତ ୭ ବର୍ଷ ହେବ ଖରିଫ ଋତୁରେ ଧାନ ଚାଷ ଏବଂ ରବି ଋତୁରେ ମୁଗ ଏବଂ ବିରି ଚାଷ କରିଆସୁଥିଲେ। ଗତ ୨ ବର୍ଷ ତଳେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଠାରୁ ସୂର୍ଯ୍ୟମୁଖୀ ଚାଷ ବିଷୟରେ ଜାଣିବାକୁ ପାଇ, ଏହି ଚାଷ କରିବା ପାଇଁ ମନ ବଳାଇଲେ। ସେ ନିଜର ୩ ଏକର ଜମି ରେ ଚଳିତ ରବି ଋତୁରେ ୧ ଏକର ମୁଗ ବିରି ଫସଲ ସହ ୨ ଏକର ଜମି ରେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି।

ଏଥିନିମନ୍ତେ ବିଭାଗ ତରଫରୁ ତାଙ୍କୁ ଉନ୍ନତ କିସମର ଶଙ୍କର ଜାତୀୟ ବିହନ ଯୋଗାଇ ଦିଆଯାଇଥିଲା। ସେ ଗତ ବର୍ଷ ସୂର୍ଯ୍ୟମୁଖୀ ଚାଷ କରି ଏକର ପିଛା ୪-୫ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ କରିବା ସହ ବାର୍ଷିକ ୪୫୦୦୦ ଟଙ୍କା ଆୟ କରିଥିଲେ। ଚଳିତ ବର୍ଷ ମଧ ସେପରି ଆଶାନୁରୂପକ ଅମଳ କରିବା ପାଇଁ ସେ ଆଶାବାଦୀ ଅଛନ୍ତି। ସୂର୍ଯ୍ୟମୁଖୀ ଚାଷ କରି ସେ ନିଜ ଘରର ତେଲ ର ଆବଶ୍ୟକତା ମେଣ୍ଟାଇବା ସହ ବଜାର ରେ ବିକ୍ରି କରି ଭଲ ଦି' ପଇସା ରୋଜଗାର କରିପାରୁଛନ୍ତି। ପ୍ରସନ୍ନ ପ୍ରଧାନଙ୍କ ଏହି ପ୍ରୟାସ ତାଙ୍କୁ ସିଜୋ ପଞ୍ଚାୟତ ରେ ଜଣେ ସ୍ୱାବଲମ୍ବୀ ଚାଷୀ କରିବା ସହ ଗ୍ରାମର ଅନ୍ୟ ଯୁବକମାନଙ୍କୁ ପ୍ରେରଣା ଦେଉଛି।



# "ସିଡ୍ ଗାର୍ଲ୍" ହର୍ଷିତା ପ୍ରିୟଦର୍ଶନୀ




ଧାନର ଏନ୍ସାଇକ୍ଲୋପିଡ଼ିଆ ଭାବେ ପ୍ରସିଦ୍ଧ ଆଦିଭୂମୀ କୋରାପୁଟର ନବମ ଶ୍ରେଣୀର ଛାତ୍ରୀ ହର୍ଷିତା ପ୍ରିୟଦର୍ଶନୀ ମହାନ୍ତି। ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ଅଳ୍ପ ବୟସର ଏହି ଝିଅଟି ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ଓ ପ୍ରେରଣାର ସ୍ରୋତ। ନିଜ ପ୍ରଚେଷ୍ଟାରେ ପ୍ରତିଷ୍ଠା କରିଛନ୍ତି 'ହର୍ଷିତା ପ୍ରିୟଦର୍ଶନୀ ସ୍ୱଦେଶୀ ବିହନ ଏବଂ ଶସ୍ୟ ବ୍ୟାଙ୍କ'। ସଂରକ୍ଷିତ କରିଛନ୍ତି ୨୩୦ ପ୍ରକାରର ଦେଶୀ ଧାନ, ୮୦ ପ୍ରଜାତିର ମାଣ୍ଡିଆ, ୬ ପ୍ରଜାତିର ଡାଲି ଏବଂ ୧୫ ପ୍ରକାରର ପାରମ୍ପରିକ ପ୍ରକାରର ଖାଦ୍ୟଶସ୍ୟ। ଏତିକିରେ ଅଟିକିନାହିଁ କୁନି ଝିଅର କାମ। 'ପ୍ରୋଜେକ୍ଟ ହର୍ଷିତା' ନାମରେ ସେ ଦୀର୍ଘ ୫ ବର୍ଷ ହେବ ଆରମ୍ଭ କରିଛନ୍ତି ଏକ ଅଭିନବ ପ୍ରୟାସ। ଏହି ଅଭିଯାନରେ ସେ ବିଶେଷ ଭାବରେ ଛାତ୍ରଛାତ୍ରୀ ଓ ଆଦିବାସୀ ମହିଳାମାନଙ୍କୁ ସଂଲଗ୍ନ କରି ଚାଷ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି।

ଏହି ପ୍ରକଳ୍ପରେ ସେ 'ବିନିମୟ ଋଣ ବ୍ୟବସ୍ଥା' ମାଧ୍ୟମରେ କାମ କରୁଛନ୍ତି। ପ୍ରଥମେ ଚାଷୀମାନଙ୍କୁ ସେ ଦୁଇ କିଲୋଗ୍ରାମ ଦେଶୀ ବିହନ ମାଗଣାରେ ପ୍ରଦାନ କରନ୍ତି। ଚାଷୀମାନେ ସେହି ବିହନକୁ ନେଇ ଜୈବ ପ୍ରଣାଳୀରେ ଚାଷ କରନ୍ତି। ଅମଳ ପରେ ସେମାନେ ବିହନ ଭଣ୍ଡାରକୁ ତିନିରୁ ଚାରି କିଲୋଗ୍ରାମ ବିହନ ପୁନଃ ପ୍ରଦାନ କରନ୍ତି କିମ୍ବା ନିଜ ପାଖରେ ଥିବା ଅନ୍ୟ ପ୍ରକାରର ଦେଶୀ ବିହନ ଭଣ୍ଡାରକୁ ଦାନ କରନ୍ତି। ପରବର୍ଷ ହର୍ଷିତା ସେହି ବିହନକୁ ଅନ୍ୟ ଚାଷୀଙ୍କୁ ମାଗଣାରେ ବଣ୍ଟନ କରନ୍ତି।ଏହି ପ୍ରୟାସ ଫଳରେ ବ୍ୟାପକ ଚାଷ, ବିହନ ବୃଦ୍ଧିକରଣ, ସଂରକ୍ଷଣ ଏବଂ ସଚେତନତା ସ୍ଥାନୀୟ ଚାଷୀମାନଙ୍କ ମଧ୍ୟରେ ବଢୁଛି।

ଗତ ତିନି ବର୍ଷରେ ସେ ପ୍ରାୟ ୩୦୦ ଚାଷୀଙ୍କୁ ପ୍ରତ୍ୟକ୍ଷ ଭାବରେ ୩୦ ପ୍ରକାର ଦେଶୀ ବିହନ ବଣ୍ଟନ କରିଛନ୍ତି। ଫଳରେ ଅଞ୍ଚଳରେ ୧୦୦୦ରୁ ଅଧିକ ଚାଷୀ ଧୀରେ ଧୀରେ ଦେଶୀ ବିହନକୁ ଜୈବ ପ୍ରଣାଳୀରେ ଚାଷ କରିବା ଆରମ୍ଭ କରିଛନ୍ତି।

ଏହି ପ୍ରୟାସ ଫଳରେ ବିଲୁପ୍ତ ହେବାକୁ ଥିବା ଦେଶୀ ଧାନ ଓ ଶସ୍ୟ ସଂରକ୍ଷିତ ହେଉଛି ଏବଂ ଚାଷୀମାନେ ବିନା ମୂଲ୍ୟରେ ବିହନ ପାଇ ପାରୁଛନ୍ତି। ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ହର୍ଷିତା ପ୍ରିୟଦର୍ଶନୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସମ୍ମାନ ଓ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।



# ତେଲଗୁଡୁର କାହାଣୀ

# ବିକଶିତ ହେଉଛି ବିଚ୍ଛିନ୍ନାଞ୍ଚଳ




ଓଡ଼ିଶାର ଦୁର୍ଗମ ଗ୍ରାମାଞ୍ଚଳ ଅର୍ଥନୀତିରେ ଆଜି ଏକ ବଡ଼ ପରିବର୍ତ୍ତନର ସ୍ରୋତ ଦେଖିବାକୁ ମିଳୁଛି । ବିଶେଷ କରି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ମାଧ୍ୟମରେ ବିକାଶର ପଦଧ୍ୱନି ଏବେ ଘରେ ଘରେ ଶୁଣାଯାଉଛି । କାନ ଡେରି ଶୁଣିଲେ, ପ୍ରତିଟି ଗାଁରୁ ଆତ୍ମବିଶ୍ୱାସ ଓ ସମୃଦ୍ଧିର ନୂତନ କାହାଣୀ ଶୁଣିବାକୁ ମିଳେ । ସେହିପରି ଅନେକ କାହାଣୀ ମଧ୍ୟରୁ ଗୋଟେ କାହାଣୀ ରାୟଗଡ଼ା ଜିଲ୍ଲାର ତେଲଗୁଡୁ ଗ୍ରାମର ।

ଗ୍ରାମରେ ୧୦୪ ଜଣ ବାସିନ୍ଦା । ପାହାଡ଼ିଆ ଅଞ୍ଚଳ ଓ ଯୋଗାଯୋଗର ଅଭାବ ଯୋଗୁଁ ବିଶେଷ କରି ବର୍ଷା ଦିନେ ଏହି ଗାଁ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ । ଚାଷୀମାନେ କଷ୍ଟ କରି ଫଳାଉଥିବା ଫସଲ ବଜାରକୁ ଯାଇପାରେ ନାହିଁ, ନଷ୍ଟ ହୁଏ । ଗ୍ରାମବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଏ । ଗ୍ରାମବାସୀଙ୍କ ଜୀବନରେ ପରିବର୍ତ୍ତନର ମୁହୂର୍ତ୍ତ ଆଣିଦେଇଥିଲା ୨.୫ କିଲୋମିଟର ଦୈର୍ଘ୍ୟର ଗୋଟିଏ ପକ୍କା ରାସ୍ତା । ପିଏମ୍ ଜନମନ ଯୋଜନା ଅନ୍ତର୍ଗତ ସମ୍ପୂର୍ଣ ହୋଇଥିବା ଏହି ରାସ୍ତା କେବଳ ପଥର କଂକ୍ରିଟର ଏକ ସଂଯୋଗ ନଥିଲା, ବରଂ ଏହା ଥିଲା ତେଲଗୁଡୁ ପାଇଁ ସମୃଦ୍ଧିର ଜୀବନରେଖା । ଅତିଶୟୋକ୍ତି ଲାଗୁଥିବା ଏହି ଦାବିର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ତେଲଗୁଡୁ ଗ୍ରାମବାସୀ ସେମାନଙ୍କ ଜୀବନରେ ଆସିଥିବା ପରିବର୍ତ୍ତନର ତାଲିକା ରଖନ୍ତି-

**ଆୟରେ ୩୦% ବୃଦ୍ଧି:** ରାସ୍ତା ନିର୍ମାଣ ଯୋଗୁଁ ଫସଲ ଆଉ ନଷ୍ଟ ହେଉନାହିଁ । ଚାଷୀମାନେ ନିଜ ଶ୍ରମର ଉଚିତ୍ ମୂଲ୍ୟ ପାଉଛନ୍ତି, ଯାହା ସେମାନଙ୍କ ହାରାହାରି ଆୟକୁ ୩୦ ପ୍ରତିଶତ ବଢ଼ାଇ ଦେଇଛି ।

**ବଜାର ସହ ସହଜ ସଂଯୋଗ:** ଗ୍ରାମର କୃଷକମାନେ ଏବେ ସହଜରେ ପୁଟାସିଂ ଏବଂ ଗୁଣୁପୁର ଭଳି ବଡ଼ ବଡ଼ ମଣ୍ଡିକୁ ନିଜର ସାମଗ୍ରୀ ପରିବହନ କରିପାରୁଛନ୍ତି ।

**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଶକ୍ତିକରଣ:** ଗାଁର ମହିଳାମାନେ ଏବେ ଜିଲ୍ଲା ମୁଖ୍ୟାଳୟକୁ ଯାଇ ତାଲିମ ଗ୍ରହଣ କରିବା ସହ ସେମାନଙ୍କ ହସ୍ତଶିଳ୍ପ ସାମଗ୍ରୀକୁ ବାହାର ବଜାରରେ ବିକ୍ରି କରି ଆତ୍ମନିର୍ଭର ହେଉଛନ୍ତି ।

**ସ୍ଥାନୀୟ ନିଯୁକ୍ତି:** ରାସ୍ତା ନିର୍ମାଣ କାର୍ଯ୍ୟରେ ଗ୍ରାମର ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଥିବାରୁ ସେମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ମିଳିପାରୁଛି ।

ଦୁର୍ଗମ ପାହାଡ଼ିଆ ଅଞ୍ଚଳର ବାଧାବିଘ୍ନକୁ ଅତିକ୍ରମ କରି ପିଏମ୍ ଜନମନ ଅଭିଯାନ ଆଜି ଅନେକ ଅବହେଳିତ ଗୋଷ୍ଠୀଙ୍କୁ ଦେଶର ମୁଖ୍ୟ ଅର୍ଥନୈତିକ ସ୍ରୋତରେ ସଫଳତାର ସହ ସାମିଲ କରିପାରିଛି । ତେଲଗୁଡୁର ଏହି କାହାଣୀ ପ୍ରମାଣ କରିଛି ଯେ, ଯଦି ସଠିକ୍ ଇଚ୍ଛାଶକ୍ତି ଏବଂ ପ୍ରଚେଷ୍ଟା ଥାଏ, ତେବେ ଆମେ ସମାଜର ଶେଷ ବ୍ୟକ୍ତିକୁ ମଧ୍ୟ ମୁଖ୍ୟ ସ୍ରୋତ ସହ ଯୋଡ଼ିପାରିବା ଏବଂ ସେମାନଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହୋଇପାରିବା ।

## ଓଡ଼ିଶା ପୌର ନିୟମାବଳୀରେ ସଂଶୋଧନ

- ରାଜ୍ୟର ପୌରପାଳିକାଗୁଡ଼ିକର କାର୍ଯ୍ୟଧାରାକୁ ଅଧିକ ସରଳ ଓ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର 'ଓଡ଼ିଶା ପୌର ନିୟମାବଳୀ, ୧୯୫୩'ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି । ନୂତନ 'ଓଡ଼ିଶା ପୌର (ସଂଶୋଧନ) ନିୟମାବଳୀ, ୨୦୨୫' ଅନୁଯାୟୀ, ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ (Executive Officer) ଏବଂ ଅଧ୍ୟକ୍ଷ (Chairperson)ଙ୍କ ଆର୍ଥିକ ଅନୁମୋଦନ କ୍ଷମତାରେ ପରିବର୍ତ୍ତନ କରାଯାଇଛି ।
- ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି (ସଂଖ୍ୟା-୯୨୪୭) ଅନୁଯାୟୀ କରାଯାଇଥିବା ପ୍ରମୁଖ ସଂଶୋଧନ:
- କାର୍ଯ୍ୟନିର୍ବାହୀ ଅଧିକାରୀ ଏବେ କାଉନସିଲ୍‌ର ବିନା ଅନୁମତିରେ ପୌର ପ୍ରଶାସନ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ପ୍ରତିଥର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ।
- ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ବିଲ୍ ଏବଂ ଦେୟ ଆଦେଶ କେବଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇପାରିବ । ଯଦି ଏହି ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପୌର ଅଧ୍ୟକ୍ଷ ମିଳିତ ଭାବେ ଏହାକୁ ଅନୁମୋଦନ କରିବେ । ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟର ପ୍ରଶାସନିକ ଅନୁମୋଦନ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇପାରିବେ । ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ଅଧ୍ୟକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ । ଯଦି କୌଣସି ବିଲ୍ ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପନ ହେବାର ୭ ଦିନ ମଧ୍ୟରେ ସ୍ୱାକ୍ଷରିତ କିମ୍ବା କାରଣ ସହ ଫେରସ୍ତ ନ ହୁଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରା ସେହି ବିଲ୍ ଅନୁମୋଦନ କରାଇପାରିବେ । ଏହି ସଂଶୋଧନ ଫଳରେ ପୌର ସଂସ୍ଥାଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଏବଂ ବିକାଶମୂଳକ କାମରେ ଥିବା ପ୍ରଶାସନିକ ବାଧା ଦୂର ହେବ ବୋଲି ଆଶା କରାଯାଉଛି ।



# ସ୍ୱଚ୍ଛତାର ଏକ ଆଦର୍ଶ ଗ୍ରାମ ବାବୋଜୋଳା

ମୟୂରଭଞ୍ଜ ଜିଲ୍ଲାର ବିଶୋଇ ବ୍ଲକ୍ ଅନ୍ତର୍ଗତ ଭାଛତ୍ର ଗ୍ରାମପଞ୍ଚାୟତର ଏକ ଛୋଟ ଜନଜାତି ଗାଁ 'ବାବୋଜୋଳା' । ଆକାରରେ ଛୋଟ ହେଲେ ମଧ ଏହି ଗାଁ ଆଜି ସ୍ୱଚ୍ଛତା, ପରିବେଶ ସଚେତନତା ଓ ପାରମ୍ପାରିକ ଲୋକକଳା ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ଏକ ଆଦର୍ଶ ଗାଁ ଭାବେ ପରିଚିତ ।

ଏହି ଗାଁକୁ ସାନ୍ତାଳ ଜନଜାତି ଲୋକେ ବାବୋଜୋଳା ଭାବରେ ହିଁ ଜାଣନ୍ତି ଓ ଚିହ୍ନନ୍ତି, ୪୯ ନମ୍ବର ଜାତୀୟ ରାଜପଥରେ ଥିବା ବୋବେଇଯୋଡ଼ା ଛକଠାରୁ ପଶ୍ଚିମ ଦିଗକୁ ପ୍ରାୟ ଏକ କିଲୋମିଟର ଦୂରରେ ଅବସ୍ଥିତ ଏହି ଗାଁରେ ପ୍ରାୟ ୭୨ ଟି ପରିବାର ଓ ପ୍ରାୟ ୪୬୧ ଜଣ ଲୋକ ବସବାସ କରନ୍ତି । ଚାଷ ହେଉଛି ଏଠାକାର ପ୍ରଧାନ ଜୀବିକା । ବାବୋଜୋଳା ଗାଁର ଏକ ବିଶେଷ ପରିଚୟ ହେଉଛି ଏଠାକାର ସ୍ୱଚ୍ଛତା । ଏଠାର ଲୋକମାନେ ସ୍ୱଚ୍ଛତାକୁ କୌଣସି ସରକାରୀ ଯୋଜନା ବା ଅଭିଯାନ ଭାବରେ ନୁହେଁ, ବରଂ ନିଜ ଦୈନିକ ଜୀବନର ଅଂଶ ଭାବରେ ଗ୍ରହଣ କରିଛନ୍ତି । ପ୍ରତ୍ୟେକ ପରିବାର ନିଜ ଘର ଓ ପରିବେଶକୁ ସଫା ରଖିବାକୁ ନିଜର ଦାୟିତ୍ୱ ଭାବେ ଦେଖନ୍ତି । ଏହି ସାମୂହିକ ସଚେତନତା ହିଁ ବାବୋଜୋଳାକୁ ଓଡ଼ିଶାର ସବୁଠାରୁ ସ୍ୱଚ୍ଛ ଗାଁର ମାନ୍ୟତା ପ୍ରଦାନ କରିଛି ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୧୪ ମସିହାରେ ଆରମ୍ଭ ହୋଇଥିବା "ସ୍ୱଚ୍ଛ ଭାରତ ଅଭିଯାନ" ଦେଶରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସଚେତନତାକୁ ଆହୁରି ମଜଭୁତ କରିଛି । ବାବୋଜୋଳା ଗାଁର ଲୋକମାନେ ଏହି ଜାତୀୟ ଅଭିଯାନର ମନୋଭାବକୁ ଅନୁସରଣ କରି ନିଜ ଗାଁକୁ ସଫା ଓ ସୁନ୍ଦର ରଖିବାରେ ସାମୁହିକ ଭାବେ କାମ କରୁଛନ୍ତି । ବାବୋଜୋଳା ଗାଁରେ ଅଳିଆ ଫିଙ୍ଗିବା, ଛେପ ପକାଇବା ଏବଂ ଧୂମପାନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି, ପ୍ରତି ୩୦ ମିଟର ଦୂରରେ ଡଷ୍ଟବିନ୍ ବ୍ୟବସ୍ଥା ଏବଂ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଜରିମାନା ବ୍ୟବସ୍ଥା ମଧ କରାଯାଇଛି । ଫଳରେ ବାବୋଜୋଳା କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ ଏକ ସ୍ୱଚ୍ଛ ଓ ସଚେତନ ଗାଁର ଉଦାହରଣ ଭାବେ ପରିଚିତ ହୋଇଛି ।

ଏହି ଦୁର୍ଗମ ଆଦିବାସୀ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସଡ଼କ ସଂଯୋଗ କରାଯାଇଛି । ୪୯ ନମ୍ବର ଜାତୀୟ ରାଜପଥ ସହ ବାବଜୋଳାକୁ ସଂଯୋଗ କରାଯାଇଛି । ଏଥିସହ ୧୦ କିଲୋମିଟର ଦୂରରେ ଥିବା ବିଶୋଇ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ସହଜରେ ଗ୍ରାମବାସୀ ପହଞ୍ଚିପାରୁଛନ୍ତି । କେବଳ ସଡ଼କ ନୁହେଁ ବରଂ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ବ୍ୟବସ୍ଥାକୁ ସହଜରେ ପହଞ୍ଚାଇବା ପାଇଁ ଏକ ସୌରଚାଳିତ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇଛି । ଗାଁର ଆଉ ଏକ ଆକର୍ଷଣ ହେଉଛି 'ଭିତ୍ ପତାୱ' ଚିତ୍ରକଳା । ଘରର କାନ୍ଥରେ ପ୍ରାକୃତିକ ରଙ୍ଗ, ମାଟି, ପଥର ଓ ଫୁଲରୁ ତିଆରି ରଙ୍ଗ ବ୍ୟବହାର କରି ଅଙ୍କାଯାଇଥିବା ଏହି ଚିତ୍ରଗୁଡ଼ିକ ଗାଁକୁ ଏକ ଅଲଗା ପରିଚୟ ଦେଇଛି । ଏହି ଚିତ୍ରରେ ସାନ୍ତାଳ ଜନଜାତିର ଜୀବନ, ପ୍ରକୃତିପ୍ରେମ, ପର୍ବପର୍ବାଣୀ ଓ ପାରମ୍ପାରିକ ସଂସ୍କୃତିର ଅଭିବ୍ୟକ୍ତି ସ୍ପଷ୍ଟ ଦେଖାଯାଏ ।

ଗାଁକୁ ଦେଖିଲେ ଲାଗେ ଯେପରି ଏକ ଖୋଲା ଆକାଶ ତଳର ସଂଗ୍ରହାଳୟ । ଏହି ପରିବର୍ତ୍ତନର ମୂଳରେ ରହିଛି ଗାଁର ଲୋକମାନଙ୍କ ସାମୂହିକ ପ୍ରୟାସ । ସରକାରଙ୍କ ପ୍ରୟାସ ସହ ଗାଁବାସୀଙ୍କ ଇଚ୍ଛାଶକ୍ତି ମିଶି ବାବୋଜୋଳାକୁ ଏକ ଆଦର୍ଶ ଗାଁର ରୂପ ଦେଇଛି । ସାନ୍ତାଳ ସଂସ୍କୃତି, ପାରମ୍ପରିକ ନୃତ୍ୟଗୀତ ଓ ପର୍ବପର୍ବାଣୀ ଏହି ଗାଁର ସାମାଜିକ ଜୀବନକୁ ଆହୁରି ରଙ୍ଗିନ କରିଥାଏ । ପାତା ପର୍ବ ଭଳି ଉତ୍ସବ ସମୟ ରେ ସମଗ୍ର ଗାଁ ନୃତ୍ୟ ଓ ସଙ୍ଗୀତରେ ମୁଗ୍ଧ ହୋଇଯାଏ ।

ଏହି ଅନନ୍ୟ ସ୍ୱଚ୍ଛତା ଓ ଚିତ୍ରକଳା ଦେଖିବା ପାଇଁ ଦେଶବିଦେଶର ପର୍ଯ୍ୟଟକ, ଗବେଷକ ଓ ଛାତ୍ରଛାତ୍ରୀ ବାବୋଜୋଳାକୁ ଆସୁଛନ୍ତି । ବାବୋଜୋଳା ଗାଁ ପ୍ରମାଣ କରିଛି ଯେ ସ୍ୱଚ୍ଛତା, ସଂସ୍କୃତି ଓ ସାମୂହିକ ପ୍ରୟାସ ମିଶିଲେ ଏକ ସାଧାରଣ ଗାଁ ମଧ ଦେଶରେ ଆଦର୍ଶ ହୋଇପାରେ । ଆଜି ବାବୋଜୋଳା କେବଳ ଏକ ଗାଁ ନୁହେଁ ବରଂ ଏହା ସ୍ୱଚ୍ଛତା ଓ ଜନଜାତି ସଂସ୍କୃତିର ଜୀବନ୍ତ ଉଦାହରଣ ।



# ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡା ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଦେଶକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ କରିଥିବା ବେଳ ଆମ ରାଜ୍ୟରେ ମଧ ଏହି ଜଟିଳ ରୋଗକୁ ମୂଳପୋଚ୍ଛ କରିବା ପାଇଁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ । ମାରାତ୍ମକ ଯକ୍ଷ୍ମା ରୋଗର ଚିହ୍ନଟ, ଚିକିତ୍ସା ଓ ନିରାକରଣ ତଥା ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଯକ୍ଷ୍ମାମୁକ୍ତ ଭାରତ ଲକ୍ଷ୍ୟ ହାସଲ ପାଇଁ ସରକାରଙ୍କ ପକ୍ଷରୁ ୨୦୨୪ ଡିସେମ୍ବର ମାସରେ ଆମ ରାଜ୍ୟର ୨୦ଟି ଯକ୍ଷ୍ମାପ୍ରବଣ ଜିଲ୍ଲାରେ ୧୦୦ ଦିନ ପାଇଁ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଆରମ୍ଭ କରାଯାଇଥିଲା । ମାର୍ଚ୍ଚ ୨୦୨୫ ରେ ଏହା ରାଜ୍ୟର ସମସ୍ତ ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇଥିଲା । ଏହି ଅଭିଯାନରେ ପ୍ରାୟ ୫୮ ଲକ୍ଷ ଲୋକଙ୍କର ସ୍କ୍ରିନିଂ କରାଯାଇଥିଲା ଏବଂ ତନ୍ମଧ୍ୟରୁ ୮ ଲକ୍ଷ ବ୍ୟକ୍ତିଙ୍କୁ ଏକ୍ସ-ରେ ସୁବିଧା ପ୍ରଦାନ କରାଯାଇଥିଲା । ୨୦୨୫ ମସିହାରେ ଆମ ରାଜ୍ୟରେ ୬୦ ହଜାର ୪୩୩ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି । ଯକ୍ଷ୍ମା ରୋଗର ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ପ୍ରଶଂସନୀୟ ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ ଏବଂ ଏହି ଅଭିଯାନ ସହ ଜଡ଼ିତ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

ଗତ ୨୦୨୪ ମସିହାରେ ହୋଇଥିବା ଅଭିଯାନର ସଫଳତାକୁ ଆଧାର କରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଆଉ ଶହେ ଦିନର ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ରୋଗ ଆଶଙ୍କା ଥିବା ଜନସମୂହଙ୍କ ପର୍ଯ୍ୟନ୍ତ ପହଞ୍ଚି ଉପଯୁକ୍ତ ସ୍କ୍ରିନିଂ ମାଧ୍ୟମରେ ଯକ୍ଷ୍ମା ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ଅଭିଯାନ ଆୟୁଷ୍ମାନ ଆରୋଗ୍ୟ ଶିବିର ମାଧ୍ୟମରେ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯିବ ।

**ଚଳିତ ବର୍ଷର ବିଶ୍ୱ ଯକ୍ଷ୍ମା ଦିବସର ମୁଖ୍ୟ ପ୍ରସଙ୍ଗ:**

'ଆମେ ଯକ୍ଷ୍ମାକୁ ନିରାକରଣ କରିପାରିବା ସରକାରଙ୍କ ନେତୃତ୍ୱରେ ଏବଂ ଜନତାଙ୍କ ଶକ୍ତିରେ' ଯକ୍ଷ୍ମା ପରି ଏକ ମାରାତ୍ମକ ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାକୁ ହେଲେ ସରକାରଙ୍କ ଚେଷ୍ଟା ସହିତ ଜନଭାଗୀଦାରୀ ଆବଶ୍ୟକ । ସାଂସଦ, ବିଧାୟକ ଏବଂ ପଞ୍ଚାୟତିରାଜ ଓ ପୌର ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସ ଦୂର କରିବା ଓ ଅଧିକରୁ ଅଧିକ ଲୋକଙ୍କୁ ଏହି ଅଭିଯାନରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଥିଲେ, ସରକାର ଆସିବା ମାତ୍ରେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରାଯାଇଛି । ଓଡ଼ିଶାର ପ୍ରାୟ ସାଢ଼େ ତିନି କୋଟି ଲୋକ ଦେଶର ୩୨ ହଜାର ଡାକ୍ତରଖାନାରେ ଉନ୍ନତ ଓ କ୍ୟାସଲେସ ସ୍ୱାସ୍ଥ୍ୟ ସେବା ପାଉଛନ୍ତି । ୭୦ ବର୍ଷରୁ ଉର୍ଦ୍ଧ୍ୱ ସବୁ ଲୋକ ବୟୋବନ୍ଦନା ଯୋଜନାରେ ସାମିଲ ହୋଇ ଚିକିତ୍ସା ସେବା ପାଉଛନ୍ତି । ୨୦୨୬-୨୭ ବର୍ଷ ପାଇଁ ଆମର ସ୍ୱାସ୍ଥ୍ୟ ବଜେଟ ୨୩ ହଜାର ୧୯୨ କୋଟି ଟଙ୍କା ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ବଜେଟ ଅଟକଳର ୭.୫ ପ୍ରତିଶତ ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୨.୧ ପ୍ରତିଶତ । ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ନିରାମୟ, ନିଦାନ ଆଦି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ରୋଗ ନିରୂପଣ ସେବା ମାଗଣାରେ ଯୋଗାଇ ଦିଆଯାଉଛି । ଓଡ଼ିଶାର ପ୍ରତ୍ୟେକ ନାଗରିକ ଯେପରି ବିନା ଚିନ୍ତାରେ, ବିନା ଆର୍ଥିକ ବୋଝରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇପାରିବ, ସେଥିପାଇଁ ଆମର ନିରନ୍ତର ଉଦ୍ୟମ ଜାରି ରହିବ ।

## ଓଡ଼ିଶାର ୯ଟି ଷ୍ଟେସନ ଦେଇ ଚାଲିବ ନୂଆ
## ଅମୃତ ଭାରତ ଟ୍ରେନ୍

ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇ, ଓଡ଼ିଶାକୁ ଝାଡ଼ଖଣ୍ଡ, ଆସାମ, ତେଲେଙ୍ଗାନା ଓ ତାମିଲନାଡୁ ସହିତ ପ୍ରତ୍ୟକ୍ଷ ସଂଯୋଗ ସ୍ଥାପନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ନୂଆ ଅମୃତ ଭାରତ ଟ୍ରେନ ସେବା ଆରମ୍ଭ କରିଛନ୍ତି । ଏହା ସହିତ ଦୁଇଟି ସ୍ୱତନ୍ତ୍ର ରେଳସେବାକୁ ମଧ ନିୟମିତ ରେଳସେବାରେ ପରିଣତ କରାଯାଇଛି ।

ପ୍ରାପ୍ତ ସୂଚନା କ୍ରମେ, ଏକ ନୂତନ ଅମୃତ ଭାରତ ଟ୍ରେନ୍ ଆସାମର କାମାକ୍ଷା ଏବଂ ତେଲେଙ୍ଗାନାର ଚାରଲାପାଲି (ସିକନ୍ଦରାବାଦ) ମଧ୍ୟରେ ଚାଲିବ । ଏହା ଓଡିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ ଓ ବ୍ରହ୍ମପୁର ଦେଇ ଯିବ । ସେହିପରି, ତାମିଲନାଡୁର ପୋଓନୁର ଜଙ୍କସନ ଏବଂ ଝାଡ଼ଖଣ୍ଡର ଧାନବାଦକୁ ସଂଯୋଗ କରୁଥିବା ନୂତନ ଅମୃତ ଭାରତ ଟ୍ରେନ୍ ସେବା ଓଡ଼ିଶାର ରାୟଗଡ଼, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ୍, ସମ୍ବଲପୁର, ଝାରସୁଗୁଡା ଓ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯିବ । ଉଲ୍ଲେଖନୀୟ ଯେ, ଭୁବନେଶ୍ୱର-ଧାନବାଦ୍ ସ୍ୱତନ୍ତ୍ର ଟ୍ରେନକୁ ନିୟମିତ କରାଯାଇଛି । ଏହି ଟ୍ରେନ କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ରେଢାଖୋଲ, ସମ୍ବଲପୁର, ଝାରସୁଗୁଡ଼ା ଏବଂ ରାଉରକେଲା ଷ୍ଟେସନ ଦେଇ ପ୍ରତ୍ୟହ ଚଳାଚଳ କରିବ । ସେହିପରି, ନିୟମିତ କରାଯାଇଥିବା ପୁରୀ-ପାଟନା ସ୍ପେଶାଲ୍ ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର, କେନ୍ଦୁଝର ରୋଡ୍, ଭଦ୍ରକ ଏବଂ ବାଲେଶ୍ୱର ଷ୍ଟେସନ୍ ଦେଇ ଯିବ । ଏଣିକି ଏହା ସାପ୍ତାହିକ ଟ୍ରେନ ଭାବେ ଚଳାଚଳ କରିବ । ଏହି ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଲାଭ ପାଇବେ । ତତ୍‌ସହିତ, ଦକ୍ଷିଣ ଭାରତ, ପୂର୍ବ ଭାରତ ଏବଂ ଉତ୍ତର-ପୂର୍ବ ଭାରତର ବିଭିନ୍ନ ସ୍ଥାନକୁ ପ୍ରାୟତଃ ଯାତାୟାତ କରୁଥିବା ଛାତ୍ର, ଶ୍ରମିକ, ବ୍ୟବସାୟୀ ଏବଂ ଯାତ୍ରୀମାନଙ୍କୁ ସହଜ ଯାତ୍ରାର ବିକଳ୍ପ ପ୍ରଦାନ କରିବା ସହିତ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ମଧ ଯଥେଷ୍ଟ ବିକାଶ ସାଧିତ ହେବ ।




## ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ନୂତନ ଅଧ୍ୟାୟ

# ବଡପଡ଼ାରେ ପ୍ରଥମ ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର

୨୦୨୫-୨୬ ଶିକ୍ଷାବର୍ଷରେ ପ୍ରଥମ ଥର ପାଇଁ ସରକାରୀ ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟ, ବଡପଡାକୁ ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର ଭାବେ ମାଧ୍ୟମିକ ଶିକ୍ଷା ପରିଷଦ, କଟକ ଦ୍ୱାରା ମଞ୍ଜୁରି ମିଳିଛି। ଏହି କେନ୍ଦ୍ରରେ ସ୍ୱାଭିମାନ ଅଞ୍ଚଳର ୫ଟି ଉଚ୍ଚ ବିଦ୍ୟାଳୟର ୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପୂର୍ବରୁ ଏହି ଛାତ୍ରଛାତ୍ରୀ ପ୍ରାୟ ୨୨ କିଲୋମିଟର ଦୁର୍ଗମ ପାହାଡ଼ିଆ ରାସ୍ତା ଅତିକ୍ରମ କରି ଚିତ୍ରକୋଣ୍ଡାରେ ପରୀକ୍ଷା ଦେବାକୁ ଯାଉଥିଲେ। ଏତେ ଦୂର ଯାତ୍ରା କରି ପରୀକ୍ଷା ଦେବା ଅନେକ ଛାତ୍ରଛାତ୍ରୀଙ୍କ ପାଇଁ କଷ୍ଟସାଧ ହୋଇପଡୁଥିଲା। କେହି କେହି ପାଠ ମଝିରେ ଛାଡ଼ିଦେବାକୁ ବାଧ ମଧ ହେଉଥିଲେ ଓ ଏହି ଅଞ୍ଚଳରେ ଡ୍ରପ୍-ଆଉଟ୍ ହାର ବଢୁଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ବଡପଡାରେ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଥିବାରୁ ଛାତ୍ରଛାତ୍ରୀଙ୍କୁ ୨୨ କିଲୋମିଟର ଯାତ୍ରାର କଷ୍ଟରୁ ମୁକ୍ତି ମିଳିଛି।

ଚିତ୍ରକୋଣ୍ଡା ବ୍ଲକର ବଡପଡାରେ ପ୍ରାୟ ୭ ଏକର ଜମିରେ ଆନୁମାନିକ ୧୯ କୋଟି ଟଙ୍କା ବ୍ୟୟରେ ଏକ ଆଧୁନିକ ଶିକ୍ଷା କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ଏହି କମ୍ପ୍ଲେକ୍ସରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଏଠାରେ କମ୍ପ୍ୟୁଟର ଲ୍ୟାବ୍, ଆଇସିଟି ସ୍ମାର୍ଟ ଲର୍ଣ୍ଣିଂ ସେଣ୍ଟର, ସାଇନ୍ସ ଲାବୋରାଟୋରୀ, ହଷ୍ଟେଲ, ଆମ୍ଫିଥିଏଟର, ବଗିଚା, କ୍ରୀଡା କୋର୍ଟ, ଖୋଲା ଜିମ୍, ସୋଲାର ଓ ଜଳ ଯୋଗାଣ ସହ ଅନେକ ଆଧୁନିକ ସୁବିଧା ଉପଲବ୍ଧ ଅଛି। ଏହା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ସହରାଞ୍ଚଳର ଶିକ୍ଷା ସୁବିଧା ପ୍ରଦାନ କରୁଛି ଓ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପରୀକ୍ଷା କେନ୍ଦ୍ର ସ୍ଥିରୀକୃତ ହେଉଥିବା ସମୟରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଭିମାନ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀ ବଡପଡାରେ ପରୀକ୍ଷା କେନ୍ଦ୍ର ସ୍ଥାପନ ପାଇଁ ଦାବି ଜଣାଇଥିଲେ। ପାପରମେଟଲା, ମୁତାମ୍ବ, ସାରକୁବନ୍ଧ ଓ ଧୂଳିପୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଦୂର ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଅତିକ୍ରମ କରି ଚିତ୍ରକୋଣ୍ଡାରେ ପରୀକ୍ଷା ଦେଉଥିବାରୁ ଏହାକୁ ଗୁରୁତର ସହ ନେଇ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦକୁ ପ୍ରସ୍ତାବ ପଠାଯାଇଥିଲା

ସ୍ୱାଭିମାନ ଅଞ୍ଚଳରେ ବର୍ତ୍ତମାନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରୟାସରେ ଶିକ୍ଷା ବ୍ୟବସ୍ଥା ଶକ୍ତିଶାଳୀ ହେଉଛି। ଏଠାରେ ୧୪୨ଟି ପ୍ରାଥମିକ ବିଦ୍ୟାଳୟରେ ୧୦,୮୦୨ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ୨୩ଟି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୨,୪୫୧ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏହାସହିତ ପାଠ୍ୟପୁସ୍ତକ, ମଧ୍ୟାହ୍ନ ଭୋଜନ, ପୋଷାକ, ସାଇକେଲ, ଛାତ୍ରବୃତ୍ତି ଓ ଛାତ୍ରାବାସ ଆଦି ସୁବିଧା ଯୋଗାଇ ଡ୍ରପ ଆଉଟ ହାରକୁ ହ୍ରାସ କରାଯାଇଛି।

ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ସ୍ୱାଭିମାନ ଅଞ୍ଚଳର ଛାତ୍ରଛାତ୍ରୀ ଦୂରକୁ ନଯାଇ ନିଜ ଅଞ୍ଚଳରେ ଅନୁମୋଦିତ ବଡପଡା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇପାରିଛନ୍ତି। ଏହି ପଦକ୍ଷେପ ପାଇଁ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ ଓ ଅଭିଭାବକ ମାଧ୍ୟମିକ ଶିକ୍ଷା ପରିଷଦ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି। ବଡପଡାରେ ସ୍ଥାପିତ ଏହି ପରୀକ୍ଷା କେନ୍ଦ୍ର ସ୍ୱାଭିମାନ ଅଞ୍ଚଳର ଶିକ୍ଷା ଉନ୍ନତିର ଏକ ନୂତନ ପରିଚୟ ହୋଇ ରହିବ।

## ଓଡ଼ିଶାର ସଫଳ 'ଧାନ କ୍ରୟ ମଡେଲ' ଅନୁଧ୍ୟାନ କରିଛନ୍ତି ଛତିଶଗଡ଼ ପ୍ରତିନିଧି ଦଳ

ଛତିଶଗଡ଼ର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଲୋକସେବା ଭବନସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଯୋଗାଣ ବିଭାଗର ସାଧାରଣ ପରିଚାଳକ(ସଂଗ୍ରହଣ) ଶ୍ରୀମତୀ ଏଲୋରା ସାମଲ, ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଉପସଚିବ ସରୋଜ କୁମାର ପଣ୍ଡା ବିଭାଗର ବିଭିନ୍ନ ଯୋଜନା ଓ ଡିଜିଟାଲ ପ୍ରକ୍ରିୟା ବିଷୟରେ ଛତିଶଗଡ଼ ପ୍ରତିନିଧି ଦଳଙ୍କୁ ଅବଗତ କରିଛନ୍ତି। ପ୍ରତିନିଧି ଦଳରେ ଛତିଶଗଡ଼ ୱେୟାରହାଉସ୍ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଆଶିଷ ଟିକରିହା, ଛତିଶଗଡ଼ ଖାଦ୍ୟ ଓ ନାଗରିକ ଯୋଗାଣ ଓ ଗ୍ରାହକ ସଂରକ୍ଷଣ ବିଭାଗ ଉପସଚିବ ବିଭୋର ଅଗ୍ରୱାଲ, ଛତିଶଗଡ଼ ବିପଣନ ସଂଘର ଦୁଇ ଜଣ ବିଶେଷଜ୍ଞ ରହିଥିଲେ। ସାଟେଲାଇଟ୍ ଡାଟା ସହିତ କ୍ଷେତ୍ରସ୍ତରୀୟ ଯାଞ୍ଚର ସମନ୍ୱୟ, 'ଟୋକନ' ପ୍ରଦାନ ପ୍ରକ୍ରିୟା କିପରି କାର୍ଯ୍ୟ କରୁଛି, ଆଧାର ଇ-କେୱାଇ ସି ଭିତ୍ତିକ ଚାଷୀ ପଞ୍ଜୀକରଣ, ସମୟ ଭିତ୍ତିକ ସ୍ୱୟଂଚାଳିତକରଣ, ଭୂଲେଖ ସହିତ ସଂଯୋଗ, ଆଇଆରଏସ୍ ସ୍କାନ ମାଧ୍ୟମରେ କ୍ରୟ, ଏସ୍ଏମ୍ଏସ୍ ଭିତ୍ତିକ ସୂଚନା, ଇ-ବାହନ ସହ ସଂଯୋଗ, ଧାନ ସଂଗ୍ରହର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଡିଜିଟାଲ ପଦ୍ଧତିରେ ଅର୍ଥ ପ୍ରଦାନ ପରି ବିଷୟରେ ଛତିଶଗଡ଼ ପ୍ରତିନିଧି ଦଳ ଅବଗତ ହୋଇଛନ୍ତି। ଓଡ଼ିଶାର ଏହି 'ଡିଜିଟାଲ୍ ସେଫଗାର୍ଡ' ବ୍ୟବସ୍ଥା ଆଗାମୀ ଦିନରେ ଛତିଶଗଡ଼ରେ ମଧ ଲାଗୁ କରାଯାଇ ସେଠାକାର ଧାନ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ସହ ସରକାରୀ ପାଣ୍ଠିର ଦୁରୁପଯୋଗ ରୋକାଯାଇପାରିବ ବୋଲି ପ୍ରତିନିଧି ଦଳ ଆଲୋଚନା କରିଛନ୍ତି।

# ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ଶିଳ୍ପ

## ୪୫୧୦କୋଟିର ୨୩ ନିବେଶ ପ୍ରସ୍ତାବ ମଞ୍ଜୁର, ୧୦ ହଜାର ନିଯୁକ୍ତି ସୁଯୋଗ

୨୦୨୬ ମାର୍ଚ୍ଚ ୧୬ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ ବୈଠକରେ ୪୫୧୦ କୋଟି ଟଙ୍କାର ୨୩ଟି ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୦, ୧୨୨ ଜଣଙ୍କୁ ନିଯୁକ୍ତି ମିଳିବ ।

ଏହି ବୈଠକରେ  ରାଜ୍ୟରେ ଆଉ ୪ଟି ନୂଆ ତାରକା ହୋଟେଲ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି । କୋରାପୁଟରେ ୫୨କୋଟି ଟଙ୍କା ନିବେଶରେ ଏକ ୪ତାରକା ହୋଟେଲ ଓ ବଲାଙ୍ଗୀରରେ ୫୪.୯୪ କୋଟି ଟଙ୍କା ନିବେଶରେ ଏକ ତିନି ତାରକା ହୋଟେଲ ନିର୍ମାଣ ହେବ ।  ଭୁବନେଶ୍ୱରରେ ୧୫୦.୬୯ କୋଟି ଟଙ୍କା ଓ ପୁରୀରେ ୬୦କୋଟି ଟଙ୍କା ନିବେଶରେ ୪ ତାରକା ହୋଟେଲ ନିର୍ମାଣ କରାଯିବ ।

ରାଜ୍ୟର ୧୧ ଜିଲାରେ ଏସବୁ ପ୍ରକଳ୍ପ ସ୍ଥାପନ ହେବ । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ସବୁ ଜିଲାରେ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏଥର ବୈଠକରେ ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ ଭଳି ପଛୁଆ ଜିଲାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

ଖୋର୍ଦ୍ଧାରେ ବୟନ ଓ ଟେକ୍ସଟାଇଲ ପ୍ରକଳ୍ପ ପ୍ରତିଷ୍ଠା ହେବ ।  ଫାର୍ମା ଓ ମେଡ଼ିକାଲ ଡ଼ିଭାଇସ କ୍ଷେତ୍ରରେ କଟକରେ ୨୩୬.୯୦କୋଟି ଟଙ୍କା ଓ ଖୋର୍ଦ୍ଧାରେ ୫୩.୫୫କୋଟି ଟଙ୍କା ନିବେଶ କରାଯିବ ।  ପାରାଦୀପ ଫସଫେଟ୍ସ ଲିମିଟେଡ଼ ଜଗତସିଂହପୁରରେ ୪୨୫ କୋଟି ଟଙ୍କା ନିବେଶରେ ଏକ ସଲଫ୍ୟୁରିକ ଏସିଡ଼ କାରଖାନା ବସାଇବ ଏବଂ ନିଫା ଲିମିଟେଡ଼ ଖୋର୍ଦ୍ଧାରେ ୧୬୪କୋଟି ଟଙ୍କା ନିବେଶ କରିବ ।

ଆଲୁମିନିୟମ ଓ ଧାତବ କ୍ଷେତ୍ରରେ କୋରାପୁଟରେ ୮୮.୧୬କୋଟି ଟଙ୍କା, କଟକରେ ୭୫.୪୬କୋଟି ଟଙ୍କା, ବାଲେଶ୍ୱରରେ ୧୦୫କୋଟି ଟଙ୍କା ଓ ସୁନ୍ଦରଗଡ଼ରେ ୫୫.୪୦କୋଟି ଟଙ୍କା ନିବେଶ କରାଯିବ । ସୁନ୍ଦରଗଡ଼ରେ ୨୫୫.୧୦ କୋଟି ଟଙ୍କାରେ ଏକ ଲଜିଷ୍ଟିକ ପାର୍କ ପ୍ରତିଷ୍ଠା କରିବ ।

କଳାହାଣ୍ଡିରେ ୩୫୦କୋଟି ଟଙ୍କା ନିବେଶରେ ଇଥାଇଲ କାରଖାନା ଓ ଖୋର୍ଦ୍ଧାରେ ୫୫.୦୩କୋଟି ଟଙ୍କା ନିବେଶରେ ଏକ ପଲିମର ଇନସୁଲେଟର ଉତ୍ପାଦ କାରଖାନା ପ୍ରତିଷ୍ଠା କରାଯିବ । ଖୋର୍ଦ୍ଧାରେ ଥିବା ଲ୍ୟାବ ପ୍ରସ୍ତୁତ ହୀରା ଗହଣା ଉତ୍ପାଦନ କାରଖାନା କ୍ଷମତା ସମ୍ପ୍ରସାରଣରେ ୨୪୩.୫୦କୋଟି ଟଙ୍କା ନିବେଶ କରାଯିବ ।

# ସଂଘର୍ଷରୁ ପ୍ରେରଣା: ମାଣ୍ଡିଆ ଚାଷ କରି ପରିବାର ପ୍ରତିପୋଷଣ



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ରାମପୁର ଗ୍ରାମର ତୁଳା ଦଳେଇଙ୍କ ସଂଘର୍ଷର କାହାଣୀ ଖୁବ୍ ପ୍ରେରଣାଦାୟୀ । ପକ୍ଷାଘାତରେ ଆକ୍ରାନ୍ତ ସ୍ୱାମୀଙ୍କ ବୋଝ ସମ୍ଭାଳିବା ସହ ମାଣ୍ଡିଆ ଚାଷ କରି ସେ ହୋଇପାରିଛନ୍ତି ଆର୍ଥିକ ସ୍ୱଚ୍ଛଳ ।  ଅନେକ ବାଧାବିଘ୍ନ ଓ ପ୍ରତିବନ୍ଧକ ଭିତେର ବି ଚାଷ କ୍ଷେତ୍ରରେ ନିଜର ଅଧବସାୟ ଜାରି ରଖି ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଦୀର୍ଘ ୪ ବର୍ଷ ତଳେ ସ୍ୱାମୀ ହଠାତ୍ ପକ୍ଷାଘାତରେ ପୀଡ଼ିତ ହେଲେ । ଆଉ ସେହିଦିନଠାରୁ ଆରମ୍ଭ ହୋଇଥିଲା ତୁଳାଙ୍କ ସଂଘର୍ଷମୟ ଜୀବନ । ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକର ଉପାନ୍ତ ରାମପୁର ଗାଁରେ ସ୍ୱାସ୍ଥ୍ୟସେବା ଏବଂ ଜୀବିକା ନିର୍ବାହର ସୁବିଧା ସୁଯୋଗ ଅଧିକାଂଶ ପରିବାର ପାଇଁ କଷ୍ଟକର ହୋଇପଡେ । ଏଭଳି ସ୍ଥିତିରେ ସ୍ୱାମୀଙ୍କ ଚିକିତ୍ସା ଓ ପିଲାମାନଙ୍କ ପାଠପଢା ତାଙ୍କ ପାଇଁ ଚିନ୍ତାର ବିଷୟ ଥିଲା । ଶେଷରେ ଉପାୟଶୂନ୍ୟ ହୋଇ ଚାଷ କାମ ହାତକୁ ନେଲେ । ଝିଅ ଓ ପୁଅକୁ ପାଳିପୋଷି ମଣିଷ କରିବା ଦାୟିତ୍ୱ ପଡ଼ିଲା ତାଙ୍କ ଉପରେ । ଏସବୁ ସମସ୍ୟା ଭିତ ରେ ସେ ମାଣ୍ଡିଆ ଚାଷ କରିବାକୁ ମନସ୍ଥ କ ଲେ ଏବଂ ପରିବାର ପ୍ରତିପୋଷଣର ରାହା ପାଇଲେ ।

ପୂର୍ବରୁ ପାରମ୍ପରିକ ମାଣ୍ଡିଆ ଚାଷ କରି ୧୦ ରୁ ୧୨ କୁଇଣ୍ଟାଲ ମାଣ୍ଡିଆ ଅମଳ କରୁଥିଲେ । ମାତ୍ର ପରେ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ପ୍ରୋତ୍ସାହନ ସହ ଏସଏମଆଇ (ସିଷ୍ଟମ ଅଫ୍ ମିଲେଟସ ଇଣ୍ଟେନ୍ସିଫିକେସନ୍) ପଦ୍ଧତିରେ ଉନ୍ନତ ମାଣ୍ଡିଆ ଚାଷ କରିବା ପାଇଁ ପ୍ରଶିକ୍ଷଣ ପାଇଲେ । ନିଜର ୫ ଏକର ଜମିରେ ମାଣ୍ଡିଆ ଚାଷ କରି ସେ ଲାଭବାନ ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଶ୍ରୀ ଅନ୍ନ ଅଭିଯାନ ପ୍ରଶିକ୍ଷଣରୁ ସେ ଜୈବିକ ଖତ ପ୍ରସ୍ତୁତି, ବିହନ ବୁଣିବା ପ୍ରଣାଳୀ, ଧାଡ଼ି ରୁଆ, ଘାସ ବଛା କାମ ଆଦି ବିଷୟରେ ଅବଗତ ହୋଇଥିଲେ

ଗତ ଆର୍ଥିକ ବର୍ଷରେ ସେ ୩୦ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ସେଥିରୁ ୨୦ କୁଇଣ୍ଟାଲ ମଣ୍ଡିରେ ବିକ୍ରି କରିଥିଲେ । ଏଥିରୁ ସେ ୯୦,୦୦୦ ଟଙ୍କା ପାଇ ଲାଭବାନ ହୋଇଛନ୍ତି । ବଳକା ୧୦ କୁଇଣ୍ଟାଲ ମାଣ୍ଡିଆ ଘରେ ନିଜେ ଖାଇବା ପାଇଁ ରଖିଛନ୍ତି । ମାଣ୍ଡିଆ ବିକ୍ରି କରି ପାଇଥିବା ଟଙ୍କାରେ ପରିବାର ଚଳାଇବା ସହ ସ୍ୱାମୀଙ୍କ ଚିକିତ୍ସା କରିପାରୁଛନ୍ତି । ନିଜେ ସଂରକ୍ଷିତ କରି ରଖିଥିବା ମାଣ୍ଡିଆ ବିହନକୁ ଚାଷ ପାଇଁ ବ୍ୟବହାର କରିଥିଲେ । ସରକାରଙ୍କ ପକ୍ଷରୁ ମାଣ୍ଡିଆ ଚାଷ ନିମନ୍ତେ ସହାୟତା ପାଉଥିବାରୁ ତୁଳା ଏହି ଚାଷକୁ ଅଧିକ ଗୁରୁତ୍ୱ ଦେଇ ଚାଷ କରୁଛନ୍ତି । ଏଥିସହିତ, ଶ୍ରୀ ଅନ୍ନ ଅଭିଯାନ ସହାୟତାରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିର ପ୍ରଶିକ୍ଷଣ ମଧ ନେଇ ମାଣ୍ଡିଆ ରସଗୋଲା, ମୁଡ଼କି, ପିଠା ଆଦି ପ୍ରସ୍ତୁତ କରି ବିଭିନ୍ନ ଖାଦ୍ୟମେଳା ଓ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଛନ୍ତି । କେବଳ ଏତିକି ନୁହେଁ ଏଥିପାଇଁ ସେ ମାଲକାନଗିରିର ବୋଡପଡ଼ା ଫୁଡ଼ ଫେଷ୍ଟିଭାଲରେ ବେଷ୍ଟ ଫୁଡ଼ ଆଇଟମ୍ ପାଇଁ ପୁରସ୍କୃତ ହୋଇଛନ୍ତି ।

# ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ



ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶ ପାଇଁ ବ୍ରତୀ ଥିଲେ। ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଜୁ ବାବୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ, ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା। ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା ବୋଲି ସେ କହିଥିଲେ। ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା। ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା। ସମୃଦ୍ଧ ଓଡ଼ିଶା ଗଠନ ହେଲେ ହିଁ, ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ସମୃଦ୍ଧ ଓଡ଼ିଶା ଗଠନ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବେ। ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛନ୍ତି ଏବଂ ଗାଁ ଗାଁକୁ ପାନୀୟ ଜଳ, ସଡ଼କ, ବିଦ୍ୟୁତ ଓ ଶିକ୍ଷା ଭିତ୍ତିଭୂମି ସୁବିଧା ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ବିଭାଗ ପାଇଁ ୩୪,୧୬୬ କୋଟି ଟଙ୍କାର ରେକର୍ଡ ବଜେଟ ବ୍ୟବସ୍ଥା ହୋଇଥିବା କଥା ସେ ଉଲ୍ଲେଖ କରି ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଉଥିବା କଥା କହିଥିଲେ।

---



# ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

- **୨୧୦ କୋଟି ଟଙ୍କା ବ୍ୟୟରେ ୪୨୬ ଏକର ଅଞ୍ଚଳରେ କଟକ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ଯୋଜନା**
- **ଜାତୀୟ ସ୍ତରର ଏକ ଆକର୍ଷଣୀୟ ପର୍ଯ୍ୟଟନ ପ୍ରକଳ୍ପ ଭାବେ ବିକଶିତ ହେବ କଟକ ମହାନଦୀ ରିଭର ଫ୍ରଣ୍ଟ**
- **ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା (Festive Purpose) ପାଇଁ ମଧ୍ୟ ଉପଯୋଗୀ କରାଯିବ। ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ବ୍ୟାଖ୍ୟାନ କେନ୍ଦ୍ର, ଫୁଡ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି। ଏସବୁ ନିର୍ମାଣ କାର୍ଯ୍ୟରେ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡଲାଇନ ପାଳନ କରାଯିବ।

ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରାଯିବ।

ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପ ଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଏହି ପ୍ରକଳ୍ପ ଗୁଡିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକ ମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ।

ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ National Law University ନିକଟସ୍ଥ ପଠାକୁ ବିକଶିତ କରାଯିବ। ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା ରହିବ। ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



# କୋରାପୁଟ ମାଟିରେ କେମୋମାଇଲ୍ ଫୁଲର ମହକ

ପ୍ରକୃତିର ପ୍ରାଣବନ୍ତ ଇଲାକା କୋଟିଆରେ ଫୁଟିଛି ପ୍ରଗତିର ଫୁଲ। ଆର୍ଥିକ ସମୃଦ୍ଧିର ନୂଆ ସମ୍ଭାବନା ଆଣିଛି 'କୋରାପୁଟ କେମୋମାଇଲ୍' ହର୍ବାଲ୍ ଫୁଲ ଚାଷ। ଉପଯୁକ୍ତ ଜଳବାୟୁ ଓ ପରିବେଶ କେମୋମାଇଲ୍ ଚାଷରେ ଆଣିଛି ଆର୍ଥିକ ସ୍ୱଚ୍ଛଳତା ଓ ପ୍ରଗତିର ନୂଆ ସମ୍ଭାବନା। ଭୟରୁ ଭରଷା, ବିବାଦରୁ ବିକାଶ ଯାତ୍ରାରେ 'କେମୋମାଇଲ୍' ମହିଳା ସଶକ୍ତିକରଣ ଏବଂ ବିକାଶର ଜ୍ୱଳନ୍ତ ପ୍ରତୀକ ସାଜିଛି।

## ମହିଳାଙ୍କ ମୁହଁରେ ହସ, ରୋଜଗାରର ନୂଆ ଆଶା

ଅର୍ଥକାରୀ କେମୋମାଇଲ୍ ଫୁଲ ଚାଷ ଏବଂ ଫୁଲ ଝାଡୁ ଆଦିବାସୀ ମହିଳାମାନଙ୍କ ପାଇଁ ଆଶାର କିରଣ ସାଜିଛି। ମହିଳା ଚାଷୀ ଫୁଲମଣୀ ଗେମେଲା ନିଜର ଖୁସି ବ୍ୟକ୍ତ କରି କହିଛନ୍ତି, "ଆମର ପାହାଡ଼ିଆ ଗଡ଼ାଣିଆ ଜମି ହୋଇଥିବାରୁ ବର୍ଷାଦିନେ କେବଳ ଧାନ ଚାଷ ହେଉଥିଲା। ଏବେ ଜିଲ୍ଲା ପ୍ରଶାସନର ସହଯୋଗରେ ଧାନ ଅମଳ ପରେ ଆମେ ଜର୍ମାନୀ କେମୋମାଇଲ୍ ଚାଷ କରୁଛୁ। ଓର୍ମାସ (ORMAS) ବାବୁମାନେ ସହଯୋଗ କରୁଛନ୍ତି। ଧଳା ଫୁଲ କ୍ଷେତ ଦେଖିଲେ ମନ ଖୁସି ହୋଇଯାଉଛି ଏବଂ ଏହାର ଦାମ୍ ଭଲ ଥିବାରୁ ରୋଜଗାର ମଧ ଭଲ ହେଉଛି।"

ସେହିପରି ଅନ୍ୟ ଜଣେ ମହିଳା ଚାଷୀ ସୁଭଦ୍ରା କହିଛନ୍ତି, "ବର୍ଷାଦିନ ଛାଡ଼ିଦେଲେ ମୋ ଜମି ପଡ଼ିଆ ପଡୁଥିଲା। କିନ୍ତୁ ଏହି ଫୁଲ ଚାଷ କରି ମୁଁ ୩୦ ହଜାର ଟଙ୍କା ଲାଭ ପାଇଛି। ଜିଲ୍ଲାପାଳ ଆଜ୍ଞା ନିଜେ ଆସି ଆମ ସହ କଥା ହେଲେ। ଆଗକୁ ଆହୁରି ଅଧିକ ପରିମାଣରେ ମୁଁ ଚାଷ କରିବି ଏବଂ ଏଥି ପାଇଁ ଜିଲ୍ଲା ପ୍ରଶାସନକୁ ମୁଁ ଧନ୍ୟବାଦ ଜଣାଉଛି।"

## ସମୃଦ୍ଧିର ଫୁଲ, ସ୍ୱାବଲମ୍ବନର ଉତ୍ସ

କୋରାପୁଟର ପାଣିପାଗରେ ଜର୍ମାନୀ କେମୋମାଇଲ୍ ଫୁଲ ଚାଷ ଏବେ ବେଶ୍ ସଫଳତା ସାଉଁଟୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ଏକ ଏକର ଜମିରୁ ୨୦ କେଜି ଶୁଖିଲା କେମୋମାଇଲ୍ ଉତ୍ପାଦନ ହୋଇଥିଲା। ଏହାର ବଜାର ମୂଲ୍ୟ ଅଧିକ ରହିଥିବାରୁ ଚଳିତବର୍ଷ ପ୍ରାୟ ୩ ଏକର ଜମିରେ ଏହି ଚାଷ କରାଯାଇଛି ଏବଂ ଫେବୃଆରୀ ସୁଦ୍ଧା ୩୫ କିଲୋଗ୍ରାମ ଶୁଖିଲା ଫୁଲ ଅମଳ ହୋଇସାରିଲାଣି। ଆନ୍ତର୍ଜାତିକ ବଜାରରେ ଏହାର ବିପୁଳ ଚାହିଦାକୁ ଦୃଷ୍ଟିରେ ରଖି ଓର୍ମାସ (ORMAS) ତରଫରୁ ପଟ୍ଟାଙ୍ଗି ବ୍ଲକରେ ଏଫପିଓ ମାଧ୍ୟମରେ ୫୦ ଗ୍ରାମର କେମୋମାଇଲ୍ ହର୍ବାଲ୍ ଚା ପ୍ୟାକେଟ୍‌କୁ ୨୦୦ ଟଙ୍କା ମୂଲ୍ୟରେ ବଜାର ପ୍ରବେଶ କରାଯାଇଛି। ଏହାର ଫୁଲରୁ ପ୍ରସ୍ତୁତ ଚା ଶରୀର ପାଇଁ ଅତ୍ୟନ୍ତ ଉପାଦେୟ। ସୂଚନାଯୋଗ୍ୟ ଯେ, ଗୋଟିଏ ଏକର କେମୋମାଇଲ୍ ଫୁଲ ଚାଷରୁ ୧୨ ଲିଟର ବହୁମୂଲ୍ୟ ତେଲ ପ୍ରସ୍ତୁତ କରାଯାଇପାରିବ, ଯାହାର ବଜାର ମୂଲ୍ୟ ଲିଟର ପିଛା ପ୍ରାୟ ୫୦ ହଜାର ଟଙ୍କା ରହିଛି।

## ହାତେ ହାତେ ସେବା, ଘରେ ଘରେ ପ୍ରଶାସନ

ମହିଳା ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏକ ନିଆରା ପଦକ୍ଷେପ ନେଇଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ପ୍ରାୟ ୩ କିଲୋମିଟର ଦୁର୍ଗମ ପାହାଡ଼ ଚଢ଼ି କୋଟିଆରେ ପହଞ୍ଚିବା ସହ ମହିଳା ଚାଷୀଙ୍କୁ ଭେଟିଛନ୍ତି। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା କରାଯାଉଥିବା ଅର୍ଥକରୀ 'କେମୋମାଇଲ୍ ଫୁଲ ଚାଷ ଏବଂ ଫୁଲ ଝାଡୁ ପ୍ରସ୍ତୁତି କ୍ଷେତ୍ର ବୁଲି ଦେଖିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି। କହିଛନ୍ତି ହାତେ ହାତେ ସେବା, ଘରେ ଘରେ ପ୍ରଶାସନକୁ ପହଞ୍ଚାଇବା ପାଇଁ ସେ ପ୍ରସ୍ତୁତ ଅଛନ୍ତି। କୋଟିଆର ସାମଗ୍ରିକ ବିକାଶ ପାଇଁ ଲୋକଙ୍କ ସରକାର ବଦ୍ଧପରିକର।

## 'କୋରାପୁଟ କଫି' ପରେ 'କୋରାପୁଟ କେମୋମାଇଲ୍'

କୋରାପୁଟ କଫି ଭଳି କୋରାପୁଟ କେମୋମାଇଲ୍ ମଧ ଖୁବଶୀଘ୍ର ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛି। ଏହି ଚାଷ ଓ ଏହାର ପ୍ରକ୍ରିୟାକରଣକୁ ଅଧିକ ବ୍ୟାପକ କରିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି। କୋରାପୁଟ ଜିଲ୍ଲାପାଳ କହିଛନ୍ତି, "ଏଥର ଓଡ଼ିଶାବାସୀ ଜର୍ମାନୀ କେମୋମାଇଲ୍ ନୁହେଁ ବରଂ "କୋରାପୁଟ କେମୋମାଇଲ୍ ହର୍ବାଲ୍ ଟି"ର ସ୍ୱାଦ ଚାଖିବେ। କୋରାପୁଟର ଆଦିବାସୀ ମହିଳା ଚାଷୀଙ୍କ ଭାଗ୍ୟ ବଦଳାଇବ ଏହି କେମୋମାଇଲ୍ ଫୁଲ ଚାଷ। ଏହାକୁ ବ୍ୟାପକ କରିବା ସହ ଏକ ସ୍ୱତନ୍ତ୍ର ବ୍ରାଣ୍ଡ ଭାବେ ବଜାରୀକରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି।"

କୋଟିଆର ଫୁଲ ଝାଡୁ ଏବଂ କେମୋମାଇଲ୍ ଆଜି କେବଳ ଏକ ଉତ୍ପାଦ ହୋଇ ରହିନାହିଁ, ବରଂ ଏହା ଦୁର୍ଗମ ଅଞ୍ଚଳରେ ମହିଳା ସଶକ୍ତିକରଣ ଏବଂ ସରକାରୀ ବିକାଶର ପ୍ରତୀକ ପାଲଟିଛି। ଉପଯୁକ୍ତ ମାର୍ଗଦର୍ଶନ ଓ ସରକାରୀ ପ୍ରୋତ୍ସାହନ ମିଳିଲେ ଦୁର୍ଗମ ପାହାଡ଼ିଆ ଇଲାକାରେ ମଧ ପ୍ରଗତିର ଫୁଲ କିପରି ଫୁଟିପାରେ, ତାହା କୋଟିଆର ଆଦିବାସୀ ମହିଳାମାନେ ପ୍ରମାଣ କରି ଦେଖାଇଛନ୍ତି। ଏବେ କୋଟିଆ କହିଲେ ବିବାଦ ନୁହେଁ, ବରଂ ବିକାଶର ଏକ ପ୍ରାଣବନ୍ତ ପ୍ରତିଛବି ସାମ୍ନାକୁ ଆସୁଛି; ଯେଉଁଠି ପ୍ରଗତିର ଫୁଲ ଫୁଟିଛି।



# ପ୍ରଗତିର ସାରଥୀ ସାଜିଛନ୍ତି ମହିଳା




ଆଧୁନିକ ଓଡ଼ିଶାର ସହରାଞ୍ଚଳ ବିକାଶ ଆଜି ଏକ ନୂତନ ମୋଡ଼ରେ ପହଞ୍ଚିଛି, ଯେଉଁଠାରେ ନାରୀ ଶକ୍ତି ପ୍ରଗତିର ମୁଖ୍ୟ ସାରଥୀ ଭାବେ ଉଭା ହୋଇଛି। ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରଗତିଶୀଳ ପଦକ୍ଷେପଗୁଡ଼ିକ ଆଜି ରାଜ୍ୟର ମହିଳାମାନଙ୍କୁ କେବଳ ସ୍ୱାଭିମାନୀ କରିନାହିଁ, ବରଂ ସେମାନଙ୍କୁ ସଫଳତାର ନୂତନ ଶିଖରରେ ପହଞ୍ଚାଇଛି। ଆଜିର ନାରୀ ପରିବାରର ସୀମିତ ପରିସୀମା ମଧ୍ୟରୁ ବାହାରି ନିଜର ଅସୀମ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସମାଜ ଓ ଦେଶ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛି। ସହରାଞ୍ଚଳରେ ନିରାପଦ ଯାତାୟାତ ଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ପର୍ଯ୍ୟନ୍ତ ସବୁଠି ମହିଳାମାନେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି।

ରାଜ୍ୟର ସହରାଞ୍ଚଳ ପରିବହନ ବ୍ୟବସ୍ଥା ବା 'ଆମ ବସ୍' ସେବାରେ ମହିଳାମାନଙ୍କ ସହଭାଗୀତା ଏକ ବଡ଼ ସଂସ୍କାର ଆଣିଛି। ପାରମ୍ପରିକ ଭାବେ ପୁରୁଷ ପ୍ରଧାନ ଥିବା ଏହି କ୍ଷେତ୍ରରେ ଏବେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। ବର୍ତ୍ତମାନ 'ଆମ ବସ୍' ଗାଇଡ୍ ପଦରେ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରାୟ ୪୯୯ ଜଣ ମହିଳା ଗାଇଡ୍ ଭାବେ କାର୍ଯ୍ୟରତ ଅଛନ୍ତି, ଯାହା ସମୁଦାୟ କର୍ମଚାରୀଙ୍କ ୩୫ ପ୍ରତିଶତ। କେବଳ ସେତିକି ନୁହେଁ, 'ଇ-ରାଇଡ୍' କାର୍ଯ୍ୟକ୍ରମ ମହିଳାଙ୍କ ଜୀବିକାର ନୂତନ ମାର୍ଗ ପ୍ରଶସ୍ତ କରିଛି। ବର୍ତ୍ତମାନ ୪୧ ଜଣ ମହିଳା 'ସାରଥୀ' ଭାବେ ଇ-ରିକ୍ସା ଚଳାଇ ସହରରେ ଅନ୍ତିମ ମାଇଲ୍ ସଂଯୋଗୀକରଣ (Last-mile connectivity) କୁ ସୁନିଶ୍ଚିତ କରୁଛନ୍ତି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି, ୨୦ ଜଣ ମହିଳା ପୁଣେରେ 'ଭାରୀ ଯାନ' (HMV) ଏବଂ ଇଲେକ୍ଟ୍ରିକ୍ ବସ୍ ଚାଳନାର ପ୍ରଶିକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି। ଏହି ମହିଳାମାନେ ଖୁବ୍ ଶୀଘ୍ର ଇଲେକ୍ଟ୍ରିକ୍ ବସ୍ ଚଳାଇବାର ଦାୟିତ୍ୱ ଗ୍ରହଣ କରିବେ, ଯାହା ଓଡ଼ିଶାର ପରିବହନ ଇତିହାସରେ ଏକ ନୂତନ ଯୁଗର ଆରମ୍ଭ କରିବ।

ମହିଳା ଯାତ୍ରୀମାନଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ସରକାର ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରିଛନ୍ତି। 'ଓଡ଼ିଶା ଯାତ୍ରୀ ଆପ୍' ଆଜି ମହିଳାମାନଙ୍କ ପାଇଁ ଏକ ଅତି ବିଶ୍ୱସ୍ତ ରାଇଡ୍-ହେଲିଂ ପ୍ଲାଟଫର୍ମରେ ପରିଣତ ହୋଇଛି। ଏଥିରେ ଉପଲବ୍ଧ ଥିବା 'ରିଅଲ୍ ଟାଇମ୍ ରାଇଡ୍ ଶେୟାରିଂ', 'ଟ୍ରଷ୍ଟେଡ୍ କଣ୍ଟାକ୍ଟ', ଏବଂ 'SOS ଆଲର୍ଟ' ଭଳି ବ୍ୟବସ୍ଥା ମହିଳାମାନଙ୍କ ମନରେ ନିରାପତ୍ତାର ଭାବ ସୃଷ୍ଟି କରିଛି। ଭୁବନେଶ୍ୱରରେ ଏହି ଆପ୍ ମାଧ୍ୟମରେ ହେଉଥିବା ମୋଟ ଯାତ୍ରାର ପ୍ରାୟ ୫୭.୧୬ ପ୍ରତିଶତ ମହିଳାଙ୍କ ଦ୍ୱାରା ହେଉଛି, ଯାହା ପ୍ରଶାସନ ଉପରେ ସେମାନଙ୍କର ଅଗାଧ ବିଶ୍ୱାସକୁ ପ୍ରମାଣିତ କରୁଛି। ସେହିପରି 'ଆମ ବସ୍' ସେବାରେ ସିସିଟିଭି ସୁରକ୍ଷା, ପାନିକ୍ ବଟନ୍ ଏବଂ ଲାଇଭ୍ ଟ୍ରାକିଂ ସୁବିଧା ସହିତ ମହିଳା ଯାତ୍ରୀଙ୍କ ପାଇଁ ଡିଜିଟାଲ୍ ଟିକେଟ୍ କ୍ଷେତ୍ରରେ ୧୫ ପ୍ରତିଶତ ଅତିରିକ୍ତ ରିହାତି ପ୍ରଦାନ କରାଯାଉଛି।

ପରିମଳ ବ୍ୟବସ୍ଥାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗୁଡ଼ିକୁ ସାମିଲ କରାଯାଇ ସେମାନଙ୍କୁ 'ସ୍ୱଚ୍ଛ ସାଥୀ' ଓ 'ସ୍ୱଚ୍ଛ କର୍ମୀ' ଭାବେ ନୂତନ ପରିଚୟ ପ୍ରଦାନ କରାଯାଇଛି। ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପୃଥକୀକରଣଠାରୁ ଆରମ୍ଭ କରି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (MCC) ଏବଂ ମ୍ୟାଟେରିଆଲ୍ ରିକଭରି ଫାସିଲିଟି (MRF) ର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଆଜି ମହିଳାମାନେ ଦକ୍ଷତାର ସହ ତୁଲାଉଛନ୍ତି। ଏହି ପ୍ରକ୍ରିୟା ଦ୍ୱାରା ବର୍ଜ୍ୟବସ୍ତୁରୁ ଜୈବିକ ସାର ପ୍ରସ୍ତୁତି କରି ମହିଳାମାନେ 'ବର୍ଜ୍ୟରୁ ସମ୍ପଦ' ସୃଷ୍ଟିର ଏକ ନୂତନ ମଡେଲ୍ ଛିଡ଼ା କରିଛନ୍ତି।

'ଅମୃତ ଯୋଜନା' ଏବଂ 'ସୁଜଳ' ମିଶନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ୨୦୦୦ ମହିଳା SHG ସଦସ୍ୟା ନଗର ଜଳାଶୟଗୁଡ଼ିକର ପୁନରୁଦ୍ଧାର ଓ ସଂରକ୍ଷଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। 'ଅମୃତ ମିତ୍ର' କାର୍ଯ୍ୟକ୍ରମ ମାଧ୍ୟମରେ ୨୪୦ ମହିଳା SHG ସହରରେ ସବୁଜୀକରଣ ଅଭିଯାନର ନେତୃତ୍ୱ ନେଉଛନ୍ତି। ସବୁଠାରୁ ପ୍ରଭାବଶାଳୀ ପଦକ୍ଷେପ ହେଉଛି 'ଜଳ ସାଥୀ' କାର୍ଯ୍ୟକ୍ରମ, ଯେଉଁଥିରେ ମହିଳାମାନେ ଘରକୁ ଘର ବୁଲି ଜଳର ମାନ ପରୀକ୍ଷା କରିବା ସହ ଉପଭୋକ୍ତାଙ୍କଠାରୁ ଜଳ ବିଲ୍ ଆଦାୟ କରୁଛନ୍ତି। ଏହାଦ୍ୱାରା ଜଳ ବ୍ୟବହାରରେ ସ୍ୱଚ୍ଛତା ଆସିବା ସହ ସେମାନେ ଜଳ ସଂରକ୍ଷଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି ।

'ଆହାର' ଯୋଜନା ଆଜି ରାଜ୍ୟର ସମସ୍ତ ୧୧୫ଟି ପୌରାଞ୍ଚଳରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ମାତ୍ର ୫ ଟଙ୍କାରେ ଗରିବ ଲୋକଙ୍କୁ ସୁସ୍ୱାଦୁ ଏବଂ ପୁଷ୍ଟିକର ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ଯୋଜନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମହିଳା ସଶକ୍ତିକରଣ। ଆଜି ପ୍ରାୟ ୧୮୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଏହି ସମଗ୍ର ବ୍ୟବସ୍ଥାର ପରିଚାଳନା କରୁଛନ୍ତି। ଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି ପରିବେଷଣ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଆମର ମା'ମାନେ ତୁଲାଉଛନ୍ତି। ଏହା ଖାଦ୍ୟ ସୁରକ୍ଷା ସହିତ ଜୀବିକା ନିର୍ବାହର ଏକ ସୁନ୍ଦର ସମନ୍ୱୟ ରକ୍ଷା କରିଛି।

କର୍ମଜୀବୀ ମହିଳାମାନେ ଯେପରି ନିଶ୍ଚିନ୍ତରେ କାର୍ଯ୍ୟ କରିପାରିବେ, ସେଥିପାଇଁ ସରକାର 'କଳିକା କ୍ରେଚ୍' ଭଳି ଅଭିନବ ସୁବିଧା ପ୍ରଦାନ କରିଛନ୍ତି। ଖାରବେଳ ଭବନରେ ସ୍ଥାପିତ ଏହି କେନ୍ଦ୍ରଟି କର୍ମଜୀବୀ ମହିଳାଙ୍କ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ଏକ ବଡ଼ ସହାୟକ ହୋଇଛି। ଏଠାରେ ପ୍ରଶିକ୍ଷିତ ସେବିକାମାନଙ୍କ ଦ୍ୱାରା ଶିଶୁମାନଙ୍କ ପାଇଁ ଶିକ୍ଷା, ଖେଳ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ସେବା ଯୋଗାଇ ଦିଆଯାଉଛି।

ଓଡ଼ିଶା ସରକାରଙ୍କ ଏହି ସମସ୍ତ ପ୍ରଗତିଶୀଳ ପଦକ୍ଷେପ ରାଜ୍ୟକୁ ଏକ ସମାନ, ସୁରକ୍ଷିତ ଏବଂ ପ୍ରଗତିଶୀଳ ନଗର ରାଜ୍ୟ ଭାବେ ଗଢ଼ିବାରେ ମାଇଲଖୁଣ୍ଟ ସାଜିଛି। ସୁଯୋଗ ଓ ସମର୍ଥନ ମିଳିଲେ ନାରୀମାନେ ଯେ ସମସ୍ତ କ୍ଷେତ୍ରରେ ନୂତନ ଇତିହାସ ରଚନା କରିପାରନ୍ତି, ଓଡ଼ିଶାର ଏହି ରୂପାନ୍ତରଣର ଚିତ୍ର ତାହାର ଏକ ଜ୍ୱଳନ୍ତ ଉଦାହରଣ।



# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା
## କଟକ, ସୁନ୍ଦରଗଡ଼ ଜିଲ୍ଲାରେ ସାମୂହିକ ବିବାହ

ଆର୍ଥିକ ଅନଗ୍ରସରତା ହେତୁ କିମ୍ବା ଅନ୍ୟାନ୍ୟ ସାମାଜିକ କାରଣରୁ ବିବାହ କରିପାରୁନଥିବା କନ୍ୟାମାନଙ୍କୁ ବିବାହ ସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' (MKBY) କୁ ଅଧିକ ସୁଦୃଢ଼ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗତ ମାସ ୧୨ ତାରିଖରେ କଟକ ଏବଂ ସୁନ୍ଦରଗଡ଼ରେ ଜିଲ୍ଲାସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

କଟକରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବରେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ଆର୍ଥିକ ସହାୟତା ପ୍ରଦାନ ଯୋଜନା ନୁହେଁ, ବରଂ ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ବିରୋଧରେ ଏହା ଏକ ଦୃଢ଼ ସାମାଜିକ ପଦକ୍ଷେପ । ଏହି ଯୋଜନା ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଥିବା ଯୁବତୀମାନଙ୍କ ପାଇଁ ମର୍ଯ୍ୟଦା, ସୁରକ୍ଷା ଏବଂ ସାମାଜିକ ସ୍ୱୀକୃତି ସୁନିଶ୍ଚିତ କରେ । ଏହି ଯୋଜନା ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଏ ।

କଟକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମ୍ପ୍ରଦାୟର ୫୫ ଜଣ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା । ଏହି ମାଙ୍ଗଳିକ କାର୍ଯ୍ୟରେ କଟକ ସଦରର ମାନ୍ୟବର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ । ଉପ-ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ନବଦମ୍ପତିଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ସମାନତା ଭିତ୍ତିରେ ପରିବାର ଗଠନ କରିବାକୁ ପରାମର୍ଶ ଦେଇଛନ୍ତି ।

ସେହିପରି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏକ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ଼ର ଏହି କାର୍ଯ୍ୟକ୍ରମରେ ୬୧ ଜଣ ଦମ୍ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଏହି ଯୋଜନାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ କନ୍ୟାମାନଙ୍କ ବିବାହ ନିମନ୍ତେ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥିମଧ୍ୟରୁ ୪୫,୦୦୦ ଟଙ୍କା ସିଧାସଳଖ କନ୍ୟାଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି । ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ଉତ୍ସବର ଆୟୋଜନ ଏବଂ ପରିଚାଳନା ପାଇଁ ବ୍ୟୟ କରାଯାଉଛି ।

# ସୁଭଦ୍ରା ଯୋଜନା: ନୂତନ ଆବେଦନ ପାଇଁ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ 'ସୁଭଦ୍ରା ଯୋଜନା' ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାରଙ୍କ ଅନୁମୋଦନ କ୍ରମେ, ୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଏକ ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବାର ବ୍ୟବସ୍ଥା ହୋଇଛି ।

### ମୁଖ୍ୟ ବିବରଣୀ:

**ଆବେଦନ ଅବଧି:** ୦୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ।

**ବୟସ ସୀମା:** ୦୧.୦୪.୨୦୨୬ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

**ଆର୍ଥିକ ସହାୟତା:** ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ ।

### ଆବେଦନ ପ୍ରକ୍ରିୟା ଓ ସର୍ତ୍ତାବଳୀ:

**କେଉଁମାନେ ଆବେଦନ କରିପାରିବେ**: ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ । ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ ।

**କେଉଁଠାରେ ଆବେଦନ କରିବେ :** ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର (CSC) ଏବଂ ଆମ ସେବା କେନ୍ଦ୍ର (ASK) ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ ।

**ଫର୍ମ ଉପଲବ୍ଧତା:** ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର (AWC) ଏବଂ CDPO କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଉପଲବ୍ଧ ଅଛି ।

ସୁଭଦ୍ରା ଯୋଜନା ହେଉଛି ରାଜ୍ୟର ମହିଳାମାନଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ । ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି ।

# ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ବୈଠକ

### 'ଟିମ୍ ଇଣ୍ଡିଆ' ଭାବେ କାମ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧ ଓ ଭାରତ ଉପରେ ପଡୁଥିବା ଏହାର ପ୍ରଭାବକୁ ନେଇ ଗତ ମାର୍ଚ୍ଚ ୨୭ରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶସିତ ଅଞ୍ଚଳ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଭାସୀ ବୈଠକ କରିଥିଲେ। ବିଶ୍ୱ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଦେଶରେ ମୂଲ୍ୟବୃଦ୍ଧିର ସମ୍ଭାବନା ଏବଂ ତାହାକୁ ରୋକିବା ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ପ୍ରତ୍ୟେକ ରାଜ୍ୟର ପ୍ରସ୍ତୁତି ଓ ପଦକ୍ଷେପ ସଠିକ ରଣନୀତି ଆଧାରିତ ହେବା ଆବଶ୍ୟକ। କୋଭିଡ଼ ସମୟରେ କେନ୍ଦ୍ର-ରାଜ୍ୟ ସହଯୋଗର ଉଦାହରଣ ଦେବା ସହ ସଙ୍କଟ ସମୟରେ ଏକାଠି ହୋଇ କାର୍ଯ୍ୟ କରିବା ସହିତ ବିକାଶର ଗତିକୁ ବଜାୟ ରଖିବାକୁ ଟିମ୍ ଇଣ୍ଡିଆ ମନୋଭାବ ନେଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ସୋସିଆଲ ମିଡ଼ିଆରେ ମିଥ୍ୟା ସୂଚନା ଓ ଗୁଜବ ପ୍ରସାର ରୋକିବାକୁ ସେ ପରାମର୍ଶ ଦେଇଥିଲେ। ନିର୍ବାଚନ ଘୋଷଣା ହୋଇଥିବା ରାଜ୍ୟ ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, କେରଳ ଓ ପୁଡୁଚେରୀ ମୁଖ୍ୟମନ୍ତ୍ରୀମାନେ ଆଦର୍ଶ ଆଚରଣବିଧି କାରଣରୁ ବୈଠକରେ ଯୋଗଦେଇ ନଥିଲେ।

### ନାଗରିକ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ପ୍ରଧାନମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ସ୍ଥିରତା, ସକ୍ରିୟ କୃଷି ଯୋଜନା ଏବଂ ପରିବହନ ତଥା ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ସୀମାନ୍ତ ଓ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବାକୁ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ସରକାର ପ୍ରତ୍ୟେକ ନାଗରିକଙ୍କ ପାଖରେ ସଠିକ ସୂଚନା ପହଞ୍ଚାଇବା, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ଏବଂ କଳାବଜାରୀ କିମ୍ବା ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ସମସ୍ତ ନାଗରିକ ପରିସ୍ଥିତି ପ୍ରତି ସଜାଗ ରହିବା, ଧୈର୍ଯ୍ୟ ଧରିବା ତଥା ଅନାବଶ୍ୟକ ସାମଗ୍ରୀ କ୍ରୟ କରିବାଠାରୁ ଦୂରେଇ ରହିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କିଛନ୍ତି।

## ବିଜୁଳି ଦର ବଢ଼ିବ ନାହିଁ

ଉପଭୋକ୍ତାଙ୍କ ପାଇଁ ଖୁସିର ଖବର । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଜୁଳି ଦର ବଢ଼ିବ ନାହିଁ । ସାଧାରଣ ଉପଭୋକ୍ତାଙ୍କ ପାଇଁ ମାସିକ ବିଲ୍ ୫୦ ୟୁନିଟ ପର୍ଯ୍ୟନ୍ତ ୨ଟଙ୍କା ୯୦ ପଇସା ଓ ୫୦ରୁ ୨୦୦ ୟୁନିଟକୁ ୪ଟଙ୍କା ୭୦ ପଇସା, ୨୦୦ରୁ ୪୦୦ ୟୁନିଟକୁ ୫ଟଙ୍କା ୭୦ ପଇସା, ୪୦୦ ୟୁନିଟରୁ ଅଧିକ ପାଇଁ ୟୁନିଟ ପିଛା ୬ଟଙ୍କା ୧୦ ପଇସା ପୂର୍ବ ଭଳି ଅପରିବର୍ତ୍ତିତ ରହିବ । କ୍ରମାଗତ ଭାବେ ପାଞ୍ଚ ବର୍ଷ ଧରି ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ବିଜୁଳି ଦର ବଢ଼ି ନାହିଁ । ତେବେ ୨୦୨୩-୨୪ ଆର୍ଥିକ ବର୍ଷରେ ବିଦ୍ୟୁତ ଦର ୧୦ ପଇସା ହ୍ରାସ କରାଯାଇଥିଲା । ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦରବୃଦ୍ଧି କରାଯାଇ ନଥିବା ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି । ଉତ୍ତର ଓ ପଶ୍ଚିମ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ କୃଷି ଫିଡ଼ର ଲୋଡ଼ ୬୦ପ୍ରତିଶତରୁ ଅଧିକ ରହୁଥିବାରୁ ରାଜ୍ୟ ସରକାର ସେସବୁ ଅଞ୍ଚଳରେ ସୌରଶକ୍ତି ବ୍ୟବସ୍ଥା କରିବାକୁ ଆୟୋଗ କହିଛନ୍ତି ।

## ଏପ୍ରିଲ ୧୬ରୁ ଜନଗଣନା

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଏପ୍ରିଲ ୧୬ରୁ ଆରମ୍ଭ ହେବ। ପ୍ରାୟ ଏକ ମାସ ଧରି ମେ ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଜନଗଣନାରେ ତାଲିମପ୍ରାପ୍ତ ଜନଗଣନାକାରୀ ଓ ସୁପରଭାଇଜର ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଏପ୍ରିଲ ୧ରୁ ୧୫ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ସ୍ୱ-ଗଣନାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ସେଲ୍ଫ ଇନୁମରେସନ(ଏସଇ) ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରିପାରିବେ ବୋଲି ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ କହିଛନ୍ତି।

## ରାଜ୍ୟସଭାକୁ ମନମୋହନ, ସୁଜିତ, ସଂତୃପ୍ତ ଓ ଦିଲୀପ ନିର୍ବାଚିତ



ରାଜ୍ୟସଭାକୁ ବିଜେପିର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାର ନିର୍ବାଚିତ ହୋଇଛନ୍ତି। ବିଜୁ ଜନତା ଦଳରୁ ସଂତୃପ୍ତ ମିଶ୍ର ବିଜୟୀ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜେପି ସମର୍ଥିତ ଦିଲୀପ ରାୟ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ବିଧାନସଭାର ସବୁ ବିଧାୟକ ଅଂଶଗ୍ରହଣ କରିଥିଲେ। ପ୍ରଥମ ପସନ୍ଦରେ ଜିତିବା ପାଇଁ ୩୦ଟି ଭୋଟ ଆବଶ୍ୟକ ଥିଲେ ମଧ୍ୟ ଉଭୟ ବିଜେପି ଓ ବିଜେଡ଼ି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଅଧିକ ପ୍ରଥମ ପସନ୍ଦ ଭୋଟ ବ୍ୟବସ୍ଥା କରିଥିଲେ। ମନମୋହନ ସାମଲ ଓ ସୁଜିତ କୁମାର ୩୫ଟି ଲେଖାଏଁ ଭୋଟ ପାଇଥିଲେ। ଦିଲୀପ ଓ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଡ. ଦତ୍ତେଶ୍ୱର ହୋତା ୨୩ଟି ଲେଖାଏଁ ପ୍ରଥମ ପସନ୍ଦ ଭୋଟ ପାଇଥିଲେ। ଦିଲୀପ ବିଜେପିରୁ ୧୨ ଭୋଟ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସରୁ ୧୧ଟି ଭୋଟ ପାଇଥିଲେ। ଦ୍ୱିତୀୟ ପସନ୍ଦ ଭୋଟରେ ଦିଲୀପ ବିଜୟ ହାସଲ କରିଥିଲେ। ବିଜେପିର ଦୁଇ ପ୍ରାର୍ଥୀ ଓ ବିଜେପି ସମର୍ଥିତ ପ୍ରାର୍ଥୀ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନବନିର୍ବାଚିତ ସାଂସଦମାନେ ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥରକ୍ଷା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଅଭିଯାନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବାକୁ ସଂକଳ୍ପବଦ୍ଧ ଥିବା କହିଛନ୍ତି। ରାଜ୍ୟସଭାରେ ଓଡ଼ିଶାର ସ୍ୱର ଆହୁରି ଶାଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ

ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଆଜି ଓଡିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠ ଲାଭ କରିଛି। ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତ ଅର୍ଥାତ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ ୧.୪୯ କୋଟି ଚାରାରୋପଣ ସହିତ ଏକ ବର୍ଷ ମଧ୍ୟରେ ୮ କୋଟିରୁ ଅଧିକ ଚାରାରୋପଣ କରାଯାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ବିଜ୍ଞାନ ଓ ଟେକ୍‌ନୋଲୋଜିରେ ଅନେକ ଉନ୍ନତି ହୋଇଛି। କମ୍ ଜାଗା ବ୍ୟବହାର କରି, ପରିବେଶକୁ ଦୂଷିତ ନକରି ଶିଳ୍ପାୟନ କରିବା ଆଜି ସମ୍ଭବ ହୋଇପାରିଛି। ତେଣୁ, ଯଦି ଆମେ ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ବାଲାନ୍ସ ରଖିପାରିବା ତେବେ ପରିବେଶ ଓ ଶିଳ୍ପାୟନ ପରସ୍ପର ଅନୁପୂରକ ବଦଳରେ ପରିପୂରକ ହୋଇପାରିବ।

ଚଳିତ ବର୍ଷ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଜଙ୍ଗଲ ସୁରକ୍ଷା ସହିତ ଆମେ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛୁ। ସମସ୍ତଙ୍କ ସହଯୋଗ ରହିଲେ ଆମେ ଏ କ୍ଷେତ୍ରରେ ଆହୁରି ଆଗକୁ ବଢିବୁ। ଜଙ୍ଗଲ ନିଆଁ ରୋକିବା ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ ଏବଂ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ସବୁବେଳେ ଗ୍ରାମାଞ୍ଚଳ ଓ ଜଙ୍ଗଲ ଅଧିବାସୀଙ୍କ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆମେ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏ ଦିଗରେ ନିରନ୍ତର କାର୍ଯ୍ୟ ଜାରି ରଖିଛୁ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଆଖି ଆଗରେ ରଖି ଓଡିଶା ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରରୁ କେବଳ ୨୫ ଲକ୍ଷ ନିଯୁକ୍ତି ପାଇଁ ଯୋଜନା ରହିଛି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଡ. କେ ମୁରଗେଶନ ଧନ୍ୟବାଦ ଅର୍ପଣ କରିଥିଲେ।

- **ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ**
- **ଓଡିଶା ଦେଶର ଅଗ୍ରଣୀ ରାଜ୍ୟ**
- **ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

# ବଜେଟ ସଭା

## ଆମେ ଜାଣିବା ଆମ ବଜେଟ

'ଆମେ ଜାଣିବା ଆମ ବଜେଟ'ରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦିଆଯିବ। ଓଡ଼ିଶା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିକାଶମୂଳକ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା, ପୌରାଞ୍ଚଳ, ବ୍ଲକ ଓ ଗ୍ରାମ ସଭା ସ୍ତରରେ 'ବଜେଟ ସଭା' ଆୟୋଜନ କରାଯିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ଖର୍ଚ୍ଚର ଅଗ୍ରଗତି ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରାଯାଇଥିଲା।

ଆଗାମୀ ଜୁନ ସୁଦ୍ଧା ରାଜ୍ୟର ବିଭିନ୍ନ ବିଭାଗରେ ଖାଲିଥିବା ୬୫ହଜାର ପଦ ପୂରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାବେଳେ ସେଥିମଧ୍ୟରୁ ୪୧ହଜାର ୬୩ଟି ପଦ ପୂରଣ ହୋଇଛି। ଅବଶିଷ୍ଟ ପଦ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି। ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ପାଇଁ ପ୍ରସ୍ତୁତ ଓଡ଼ିଶା ଭିଜନ ଲକ୍ଷ୍ୟ ପୂରଣ ପାଇଁ ଜନକଲ୍ୟାଣକାରୀ ବିକାଶ କ୍ଷେତ୍ର ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ଏପ୍ରିଲରୁ ପ୍ରତି ମାସରେ ଏ ସଂକ୍ରାନ୍ତରେ ସମୀକ୍ଷା କରାଯିବ। ଆଇ-ଗଟ୍ କର୍ମଯୋଗୀ ପ୍ଲାଟଫର୍ମରେ ୪ଲକ୍ଷ ୧୬ ହଜାର ୧୩୮ କର୍ମଚାରୀଙ୍କ ଭିତରୁ ବର୍ତ୍ତମାନ ସୁଦ୍ଧା ୯୩% ଏହି ପ୍ରଶିକ୍ଷଣ ବ୍ୟବସ୍ଥା ସହ ଯୋଡ଼ି ହୋଇଛନ୍ତି। ପ୍ରଶିକ୍ଷଣ ନେଇ ଦକ୍ଷତା ବୃଦ୍ଧି ପାଇଁ ଅତି କମରେ ୨୦ ଘଣ୍ଟା ପାଠ୍ୟକ୍ରମ ସାରିବାକୁ ବାଧ୍ୟତାମୂଳକ କରାଯାଇଛି। କାର୍ଯ୍ୟଦକ୍ଷତା ମୂଲ୍ୟାୟନରେ ଏହା ପ୍ରତିଫଳିତ ହେଉଛି।